

ବିଜୟ କୁମାର ରଣା

ଶନ୍ତୀ ପକେଟ୍ ବୁକ୍ ସିରିଜ୍-୩

Digitized by :-
Deb's Library Corner...
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :- https://t.me/debslibrarycorner

ସେଇ କାଳରାତ୍ରୀ

ଶ୍ରୀ ବିଜୟ କୁମାର ରଣା (ରହସ୍ୟ କୁମାର)

ଲେଖକ : ବିଜୟ କୁମାର ରଣା (ରହସ୍ୟ କୁମାର)

ପ୍ରକାଶକ : ଶନ୍ମୀ ପ୍ରକାଶନୀ
ପ୍ଲଟ୍ ନଂ-୧୦୨, ଖାରବେଳ ନଗର
ଭୁବନେଶ୍ୱର
ମୋବାଇଲ୍ - ୯୮୬୧୧୨୧୩୬୯

ପ୍ରଥମ ପ୍ରକାଶନ : ଅଗଷ୍ଟ, ୨୦୦୯

ଅକ୍ଷର ସଜ୍ଜା : ଡିଜାଇନର
ମୋବାଇଲ୍- ୯୮୬୧୧୪୨୮୭୮

ମୁଦ୍ରଣ : ଶନ୍ମୀ ଗ୍ରାଫିକ୍ସ
ପ୍ଲଟ୍ ନଂ-୧୦୨, ଖାରବେଳ ନଗର
ଭୁବନେଶ୍ୱର

ପ୍ରଚ୍ଛଦ : ଲକ୍ଷ୍ମୀଧର ବେହେରା

ମୂଲ୍ୟ : ୨୦ ଟଙ୍କା ମାତ୍ର
(କୋଡ଼ିଏ ଟଙ୍କା ମାତ୍ର)

ପ୍ରାପ୍ତିସ୍ଥାନ : ବଳଭଦ୍ର ନାୟକ ବହି ଦୋକାନ
ରେଳ ଷ୍ଟେସନ, ଭୁବନେଶ୍ୱର

ଆକାଶରେ ବତାସର ଗନ୍ଧ । ଘନ ଅମ୍ବୁଦ କ୍ରୋଡ଼ରେ ଚପଳାର କ୍ଷିଣ ହାସ୍ୟ । ବରଷା ରାଣୀର ଗୁମୁରି ଗୁମୁରି କ୍ରନ୍ଦନ ।

ଶ୍ରାବଣୀ ଯେ ମହଲ୍ଲାର ଗାଇବ ଏ ଧାରଣା ମୋର ସ୍ପଷ୍ଟ ଥିଲା । ତେଣୁ ମୁଁ ଅଡିଟୋରିୟମ ପରିତ୍ୟାଗ କରି ଦ୍ରୁତ ବେଗରେ ବସା ଅଭିମୁଖେ ବାହାରି ପଡ଼ିଲି ।

ରାସ୍ତା ପୁରାପୁରି ଜନଶୂନ୍ୟ । କାଁ ଭାଁ କେମିତି ଗୋଟାଏ ଗୋଟାଏ ମୋଟର ଗାଡ଼ିର ଯାତାୟାତ ବ୍ୟତୀତ ନିରୋଳା କହିଲେ ଅତ୍ୟୁକ୍ତି ହେବ ନାହିଁ । ଗୋଟାଏ ହେଲେ ରିକ୍ସା ବି ମିଳିଲା ନାହିଁ । ରାସ୍ତା ବିଶେଷ ନହେଲେ ବି ଦେଢ଼ କିଲୋମିଟରରୁ କମ୍ ନୁହେଁ । କୌଣସି ଉପାୟ ନଦେଖି ବାଧହୋଇ ପାଦରେ ଚାଲିବାକୁ ଲାଗିଲି । ଏମିତି ବି ବେଳେ ବେଳେ ମୁଁ ପ୍ରାୟ ଚାଲି ଚାଲି ଆସିଥାଏ । ବେଶି ହେଲେ ପନ୍ଦର

ସେହି ପଥଚଲା ସମୟ ଭିତରେ ଅନେକ ନୂତନ ପରିକଳ୍ପନା ମନ ଭିତରକୁ ଆସିଯାଏ । ତେଣୁ ବର୍ଷା ଭିଜା ରାତିକୁ ଏକ ସୁଯୋଗ ମନେ କରି ମୁଁ ଆଗେଇ ଚାଲିଲି ।

ବସାରେ ପାଦ ଦେବାମାତ୍ରେ ଦରଜା ଖୋଲି ଭିତର ପଟୁ ରୁମ୍ ଲକ୍ କରିଦେଇ ସେଇ ଅଧାଭିଜା ପୋଷାକରେ ବସିଗଲି ଷ୍ଟଡି ଟେବୁଲ ପାଖରେ ।

ଏଇଠି ମୋର ସଂକ୍ଷିପ୍ତ ପରିଚୟ ଦେବା ଉଚିତ୍ ମନେକରୁଛି ।

ମୁଁ ବିଜୟ ଦାସ । ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ଡିଗ୍ରୀ ହାସଲ କରିଥିଲି । ହେଲେ ମୋର ଭାଗ୍ୟର ବିଡ଼ମ୍ବନା କୌଣସି କର୍ମସଂସ୍ଥା ଭିତରେ ନିଜକୁ ନିଯୋଗ କରି ନପାରି ଶେଷରେ ଆସି ଯୋଗ ଦେଲି ଗୋଟିଏ ଥିଏଟର ପାର୍ଟିରେ, କଳାକୁ ପାଥେୟ କରି ବଞ୍ଚିରହିବା ପାଇଁ ।

ଅବଶ୍ୟ ମୋର ଏ ଅବସ୍ଥା ପାଇଁ ଦୁଇଟି କାରଣ ରହିଛି । ପ୍ରଥମତଃ ଜନ୍ମରୁ କଳାପ୍ରତି ମୋର ଦୁର୍ବଳତା, ଦ୍ୱିତୀୟତଃ ଆଜିକାଲି ଯୁଗରେ ଯେତିକି ଶିକ୍ଷାଗତ ଯୋଗ୍ୟତା ଥାଉନା କାହିଁକି, ଯିଏ ସରଳ, ସଚ୍ଚୋଟ, ଯାହାର ରାଜନୈତିକ କ୍ଷେତ୍ରରେ କୌଣସି ଚିହ୍ନା ଜଣା ନାହିଁ, ସେ ସହଜରେ କୌଣସି କର୍ମସଂସ୍ଥା ବା ଚାକିରୀ ଯୋଗାଡ଼ କରିପାରେ ନାହିଁ ।

କ୍ରମେ ଅଭିନୟ କରିବା ମୋର ପେଶାରେ ପରିଣତ ହୋଇଗଲା । ଥିଏଟର ଏବଂ ମୁଁ ପରସ୍ପର ଅଭିନ୍ନ ବନ୍ଧୁ ପାଲଟି ଗଲୁ ।

ଅହଂକାର ନୁହେଁ, ନିରାଟ ସତ୍ୟ ପ୍ରକାଶ କରୁଛି । 'କଳିଙ୍ଗ ମୁଭିଂ ଆର୍ଟ' କହିଲେ ବିଜୟ ଦାସଙ୍କୁ ହିଁ ବୁଝାଇ ଥାଏ । ମୁଁ ତା'ର ଜୀବନ, ମୁଁ ତା'ର ସୌନ୍ଦର୍ଯ୍ୟ, ମୋ ଅଭିନୟ ଦକ୍ଷତା ଉପରେ ପାର୍ଟିର ଆୟ ତଥା ମୋ ଜୀବନର ଭବିଷ୍ୟତ ଏ ଦୁହେଁ ବହୁଦିନ ଧରି ଗୁନ୍ଥା ସରିଛନ୍ତି ।

ବର୍ତ୍ତମାନ ସୋ ବନ୍ଦ ଅଛି । ଏଇ ବର୍ଷା ଦୁଇମାସ 'ସୋ' ବନ୍ଦ କରିବାକୁ ଆମେ ବାଧ୍ୟ ହେଉ । ଏହି ସମୟରେ କଳାକାରମାନେ ନୂତନ ନାଟକ ଅଭ୍ୟାସ କରନ୍ତି ଏବଂ ଅଭିନୟ ଜନିତ ଦୋଷ ତ୍ରୁଟି ସଂଶୋଧନ କରନ୍ତି ।

ପାର୍ଟି ଭିତରେ ମୋର ଭୂମିକା ସ୍ୱତନ୍ତ୍ର । ମୁଁ ଲେଖକ, ନିର୍ଦ୍ଦେଶକ ଏବଂ ନାୟକ । ଥିଏଟରର ସର୍ବାଧିକ ଲୋକପ୍ରିୟ ନାଟକଗୁଡ଼ିକୁ ମୁଁ ନିଜେ ରଚନା କରେ ଏବଂ ତାକୁ ଜୀବନ୍ତ ରୂପଦେଇ ମଞ୍ଚସ୍ଥ କରାଏ ।

ମୋ ପାଇଁ ସଂସ୍ଥାର କୌଣସି କଡ଼ାକଡ଼ି ନିୟମ ଲାଗୁ ହୁଏନାହିଁ । ମୁଡ୍ ଭଲ ନଥିଲେ ସଅଳ ବସାକୁ ଫେରିଆସେ । ଆଉ ଯେଉଁଦିନ ଭଲଥାଏ ଘଣ୍ଟା ଘଣ୍ଟା ଧରି ରିହରସାଲ ଭିତରେ ବୁଡ଼ିଯାଏ ।

ରାସ୍ତାରେ ଆସିଲାବେଳେ ମନକୁ ଯେଉଁ ନୂତନ ପରିକଳ୍ପନା ଆସିଥିଲା, ତାହା ଏକ ଭିନ୍ନ ପ୍ରକାର ନାଟକ ସମ୍ପର୍କରେ ।

ଭାବନାଗୁଡ଼ାକ ମନ ଭିତରକୁ ଯେମିତି ଆକସ୍ମିକ ଭାବେ ଆସନ୍ତି, ସେମିତି ଆକସ୍ମିକ ଭାବରେ ଉଭେଇ ଯାଆନ୍ତି । ସେହି ଦୃଷ୍ଟିରୁ ଅନ୍ତତଃ କେତେଟା ଦରକାରୀ ପଏଣ୍ଟ ନୋଟ୍ କରିନେବା ଉଚିତ୍ ମନେକଲି ।

ଲେଖିବା ପୂର୍ବରୁ ସାଧାରଣ ଭାବେ ଗୋଟାଏ ଚୁମ୍ବକୀୟ ବିଷୟଗତ ଧାରଣା ମନ ଭିତରକୁ ଆଣିବାକୁ ଚେଷ୍ଟା କଲି ।

ମୁଡ୍ ଏକଦମ୍ ଭଲ ଥିଲା ।

ପାଗ ମଧ୍ୟ କିଛିଟ ସହଯୋଗ କଲା ।

ମୁଁ କଳ୍ପନା କରି ଚାଲିଥିଲି । ଦୃଶ୍ୟ ପରେ ଦୃଶ୍ୟ – ଅଳିନ୍ଦ ପରେ କକ୍ଷ – କେଉଁଠି ରାଜପଥ ତ କେଉଁଠି ଗ୍ରାମପଥ, ପୁଣି କେଉଁଠି କଳା ଅନ୍ଧାର ରାତ୍ରୀର ଏକ ସାଇକ୍ଲୋମା...

ଚିନ୍ତା ରାଜ୍ୟକୁ ଆସିଗଲା, କଳା ଅନ୍ଧାର ରାତ୍ରୀର ଦୃଶ୍ୟପଟକୁ ଭିତ୍ତିକରି ଏକ ରହସ୍ୟମୟ କାହାଣୀର ପୂର୍ବାଭାସ ।

ସେ ପୂର୍ବାଭାସକୁ ମନେ ମନେ କଳ୍ପନା କରିବା ସହିତ, ତାର ଦୃଶ୍ୟାବଳୀ ମାନସ ଚକ୍ଷୁରେ ଦେଖିବାରେ ଲାଗିଲି...

ନୀରବ ନିଥର ବର୍ଷାଭିଜା କାଳରାତ୍ରି । ସମୟ ରାତି ବାରଟା । ରାସ୍ତାଘାଟ ଜନମାନବ ଶୂନ୍ୟ ।

ଦେଖାଗଲା ଗୋଟିଏ ଛାୟାମୂର୍ତ୍ତି । ଛାୟାମୂର୍ତ୍ତିଟି ପୁରୁଷ ନୁହେଁ ଏକ ନାରୀ, ଷୋଡ଼ଶୀ, ଯୁବତୀ ।

ଅତି ସନ୍ତର୍ପଣରେ ସାବଧାନତା ସହକାରେ ହାତରେ ଏକ ଚମଡ଼ା ସୁଟ୍‌କେଶ୍ ଧରି ଆଗେଇ ଚାଲିଛି । ତା'ର ଗନ୍ତବ୍ୟସ୍ଥଳ କେଉଁଠାରେ ସେ ନିଜେ ମଧ୍ୟ ଜାଣେନା ।

ବର୍ଷା ପବନର ସୁସୁ ଗର୍ଜନ ସାଙ୍ଗକୁ କେଇଟା ବୁଲା କୁକୁରର ବିକଟାଳ ଚିତ୍କାର ମଝିରେ ମଝିରେ ଭୟଭୀତ କରି ଗଢ଼ି ତୋଳୁଛି ପରିବେଶକୁ । ସେଇ ବର୍ଷାରେ ଭିଜି ଭିଜି ଦେହ ତା'ର ଥରି ଉଠୁଛି । ତଥାପି ସେ ଚାଲିଛି ଅବିରତ ।

ମେଘ ବିଜୁଳିରେ ଅନ୍ଧାରି ଆଲୁଅରେ ଲୋମଗୁଡ଼ାକ ତା'ର ଉତ୍ତେଜିତ ହୋଇଉଠିଲା ପରି ମନେହେଉଛି । ଅଶରିରୀ ପରି ଆଗେଇ ଚାଲିଛି ସେ ।

ନୀରବ ନିସ୍ତବ୍ଧ କାଳରାତ୍ରୀ ।

ପୋଲିସ୍‌ର ସତର୍କ ଦୃଷ୍ଟିର ଅନ୍ତରାଳରେ ରହି ଆଉ କେଇଟା ଗୁଣ୍ଡାଙ୍କ କବଳରୁ ନିଜକୁ ରକ୍ଷା କରିବା ପାଇଁ ଗଳିକନ୍ଦିର ଅନ୍ଧାରୀ ରାସ୍ତାର ସାହାର ନେଇ ଦ୍ରୁତ ଗତିରେ ଆଗେଇ ଚାଲିଛି ସେ ।

ହଠାତ୍ ଏକ ତ୍ରିଛକି ରାସ୍ତା ସାମନାରେ ଦେଖାଗଲା ।

ଗୋଟାଏ ପଟୁ ପୋଲିସ୍ ଗାଡ଼ିର ନାଇଟ୍ ପେଟ୍ରୋଲିଂର ସାଇରନ୍ ଶବ୍ଦ ଭାସି ଆସିଲା । ଅନ୍ୟ ରାସ୍ତାରେ ଚାଲିଯିବାକୁ ଚେଷ୍ଟା କଲାବେଳକୁ ଦେଖାଗଲା କିଛି ଦୂରରେ ଏକ ଚାଳଘରର ଅନ୍ଧାରି ବାରଣ୍ଡାରେ ତାକୁ ଅନୁସରଣ କରୁଥିବା ଗୁଣ୍ଡା ତିନିଜଣ ଆତ୍ମଗୋପନ କରି ରହିଛନ୍ତି ।

ଚମକି ଉଠିଲା ଯୁବତୀଟି । ସାହାସ ସଞ୍ଚୟ କରି ଚୋର ପୋଲିସର ଲୁଚକାଳି ଖେଳ ଖେଳି ଗୋଟାଏ ଗଳି ରାସ୍ତାର ମୋଡ଼ ପାଖରେ ଥିବା ଏକ ଛାତ ଘରର କାନ୍ଥ ପାଖରେ ନିଜକୁ ଆତ୍ମଗୋପନ କରିନେଲା ।

ଅଳ୍ପ ଦୂରରେ ବୁଲା କୁକୁର କେଇଟାର ଚିତ୍କାର ଶୁଣି ସେଇ ଦିଗକୁ ଆଗେଇ ଗଲେ ପୋଲିସ ବାହିନୀ ଓ ଅନ୍ୟ ଦିଗରେ ଗୁଣ୍ଡାମାନେ ପୋଲିସର ଆଗମନକୁ ଅନୁଭବ କରି ନିଜ ନିଜକୁ ଆତ୍ମଗୋପନ କରିନେଲେ ଏକ ପରିତ୍ୟକ୍ତ ଘରର ସେ ପାଖରେ ।

ସେଇ ସୁଯୋଗର ସଦ୍‌ବ୍ୟବହାର କରି ଅଳ୍ପ ଦୂରରେ ରାସ୍ତା କଡ଼କୁ ଲାଗି ରହିଥିବା ଗୋଟିଏ କ୍ୱାର୍ଟରର ପାଚେରୀ ଡେଇଁ ଭିତରକୁ ପ୍ରବେଶ କଲା ଯୁବତୀଟି ।

ଚତୁର୍ଦ୍ଦିଗରେ ଥରେ ଆଖି ଘୁରାଇ ଆଣି ଦେଖିଲା, କେହି କୁଆଡ଼େ ନାହାନ୍ତି । ବଗିଚା ଭିତରେ ପାଦ ଦେଲା ସେ । ଛୋଟ ବଡ଼ କେତୋଟି ଗଛକୁ ନେଇ ବଗିଚା କହିଲେ ଚଳେ । ବର୍ଷା ରାତିରେ କିଏ ବା କାହିଁକି ଶଯ୍ୟା ତ୍ୟାଗ କରି ବାହାରକୁ ଉଠିବ ଯେ, ତାକୁ ଦେଖିବ ?...

ହଠାତ୍ ଗୋଟାଏ ବଜ୍ରପାତ ହେଲା । ସେଇ ଆବାଜରେ ମୁଁ ପୁଣି ଭାବନା ରାଜ୍ୟରୁ ଫେରିଆସିଲି ମୋ' ପୂର୍ବ ଅବସ୍ଥାକୁ ।

ଦୃଷ୍ଟି ପଡ଼ିଲା ଷ୍ଟଡି ଟେବୁଲ୍ ଉପରେ । ପାଣି ଛିଟିକା ମାରି କେତୋଟି ନାଟକ ପାଣ୍ଡୁଲିପି ଓଦା ହୋଇଯାଇଛି ।

ଟେବୁଲ୍ ପାଖରେ ଝରକା । ଝରକାଟା ଖୋଲାଥିଲା । ବସିବା ସ୍ଥାନରୁ ଉଠିଯାଇ ଝରକା ବନ୍ଦ କରିଦେଲି । ପୋଷାକ ବଦଳାଇ ନାଇଟ ଗାଉନ ପରିଧାନ କରି ସୁରେଇରୁ ଗୋଟିଏ ଗ୍ଲାସ ପାଣି ପିଇ ଫେରି ଆସିଲି ଟେବୁଲ ପାଖକୁ । ବର୍ଷା ଅପରିବର୍ତ୍ତିତ ରହିଛି । ମଳୟରେ ସ୍ନିଗ୍ଧତା, ତା ସହିତ କ୍ଷଣପ୍ରଭାର କ୍ଷୀଣ ହାସ୍ୟ । ଲେଖିବା ପାଇଁ ଯା ଠାରୁ ଭଲ ପରିବେଶ ଆଉ କ'ଣ ଥାଇପାରେ ?

ପ୍ୟାଡ଼ ଓ କଲମ ସଜାଡ଼ିଲି ।

କାହାଣୀର ଧାରା ଆରମ୍ଭ କଲି ସେଇଠୁ ଯାହା ମୁଁ ଅଳ୍ପ ସମୟ ପୂର୍ବେ ମୋ ମାନସ ଚକ୍ଷୁରେ କଳ୍ପନା କରିଥିଲି । ସେଇ ଭୀତତ୍ରସ୍ତା ଯୁବତୀଟି ହେବ ମୋ ନାଟକର ନାୟିକା, ଆଉ ଯେଉଁ ଫୁଲ ବଗିଚାରେ ଲୁଚିଗଲା, ସେ ବଗିଚାର ମାଲିକ ହେବି ମୁଁ ।

ଏ ଜୀବନ ଧର୍ମୀ ନାଟକର ନାୟକ ।

Digitized by :-
Deb's Library Corner...

ଆଭାସ୍ ଲେଖା ସରିଲା । ବର୍ତ୍ତମାନ କାହାଣୀର ଉପରକୁ ଆସିବାକୁ ହେବ । ମୁଁ, ନାୟକ । ମୋ' ଫୁଲ ବଗିଚାରେ ଆତ୍ମଗୋପନ କରିଛି ନାୟିକା ।

ଗୋଟିଏ ପାଖରେ ପୋଲିସର ସାଇରନ୍, ଅନ୍ୟ ପାଖରେ ଗୁଣ୍ଡାମାନଙ୍କର ନିର୍ଲ୍ଲଜ ହସ । ତା' ସହିତ ବୁଲା କୁକୁରମାନଙ୍କର ବୁକୁ ଫଟା ଆର୍ତ୍ତ ଚିତ୍କାର ।

ତା'ପରେ...ତା'ପରେ !!

କଲମକୁ ଓଠରେ ଚାପିଧରି ଚିନ୍ତାକଲି...

ଯୁବତୀଟି, କାହା ହାବୁଡ଼ରେ ପଡ଼ିବ ? ପୋଲିସ୍... ନା... ଗୁଣ୍ଡା ?

ମନେ ମନେ ଭାବିଲି... ନାଃ... କେଉଁଟା ବି ଠିକ୍ ନୁହେଁ ।

ବରଂ ନାୟକ, ନାୟିକାକୁ ପୋଲିସ୍ ଆଉ ଗୁଣ୍ଡାମାନଙ୍କ ପାଖରୁ ଲୁଚେଇ ଆଣି, ନିଜ ଘରେ ଆଶ୍ରୟ ଦେବାଟା ଉଚିତ ହେବ ।

ନାଟକର ପ୍ରଥମ ଦୃଶ୍ୟରୁ କ୍ଲାଇମେକ୍ସ ଆସିଯିବ ।

ମୁଁ ମୋ ରାଇଟିଂ ପ୍ୟାଡ୍‌କୁ ଚାହିଁଲି, ତାହା ଶୂନ୍ୟ ପଡ଼ିଛି । ଖୋଲା କଲମରୁ କାଳି ଶୁଖି ଆସିଲାଣି । ମନ ଭିତରେ ନାଟକ ସମ୍ପର୍କରେ ଗୋଟିଏ ମୋଟାମୋଟି ଧାରଣା ଆସିଗଲା ସତ, କିନ୍ତୁ ଏଯାଏଁ ଧାଡିଟିଏ ବି ଲେଖିନାହିଁ ।

କାନ୍ଥ ଘଣ୍ଟାରେ ଠନ୍ ଠନ୍ ହୋଇ ବାରଟା ବାଜିଲା । ତା'ମାନେ ଦୀର୍ଘ ତିନି ଘଣ୍ଟାକାଳ ଚେୟାର ଉପରେ ବସି ମୁଁ ଭାବି ଚାଲିଛି । କଲମ ବନ୍ଦ କରି ପ୍ୟାଡକୁ ମଧ୍ୟ ଯଥା ସ୍ଥାନରେ ରଖିଦେଲି ।

ନା, ଆଉ ଲେଖି ହେବନାହିଁ ।

ନିଜ ମନର ଅବସ୍ଥାକୁ ନିଜେ କଳ୍ପନା କରି ହସି ଉଠିଲି । ସମ୍ମୁଖସ୍ଥ ଡ୍ରେସିଂ ଟେବୁଲର ଲମ୍ବା ମିରର୍ ଉପର ଦେଇ ମୋ ପ୍ରତିବିମ୍ବ ହସି ଉଠିଲା ।

ନିଜକୁ ନିଜେ କିଛି ସମୟ ଚାହିଁଲି । ଅଙ୍ଗଭଙ୍ଗୀ କଲି, ଆଖି ବଡ଼ ବଡ଼ କରି କୁଟିଳ ଚାହାଁଣିରେ ଚାହିଁଲି । ତାପରେ ଠୋ ଠୋ ହୋଇ ଯୋରରେ ହସି ଉଠିଲି ।

ଏଇଠି ବସାଘର ନେଇ ରହିବା ପରେ ଯେଉଁ ଦିନ ପ୍ରଥମେ ନିଜକୁ ନିଜେ ହସେଇବା ଆରମ୍ଭ କଲି, ପଡ଼ୋଶୀମାନେ କବାଟ ଫାଙ୍କ ଦେଇ ମତେ ଦେଖିବାକୁ ଲାଗିଲେ । ସେମାନଙ୍କ ଧାରଣ ମୁଁ ଗୋଟାଏ ମଦ୍ୟପ ଅଥବା ପାଗଳ ।

କିନ୍ତୁ ଆସ୍ତେ ଆସ୍ତେ ତାଙ୍କର ସେ ଭ୍ରମ ଦୂର ହେଲା । ସେମାନେ ଖୁବ୍ ଶୀଘ୍ର ଜାଣିନେଲେ ମୁଁ ଜଣେ କଳାକାର । ଦର୍ପଣ ସମ୍ମୁଖରେ ଠିଆ ହୋଇ ହସିବା, କାନ୍ଦିବା ମୋର ନିତିଦିନିଆ ଅଭ୍ୟାସ ।

ଉଠି ଆସିଲି ଟେବୁଲ ପାଖକୁ ।

ମୋର ଏମିତି ଗୁଡ଼ାଏ କଳ୍ପନା କଳ୍ପନା ଭିତରେ ହିଁ ରହିଯାଇଛି । କଲମ ଧରିବା ମାତ୍ରେ ଅଳସର ପାହାଡ଼ ମଥା ଉପରେ ମାଡ଼ି ବସେ । କିନ୍ତୁ କଳ୍ପନା କରୁଥିଲା ବେଳେ ଆଖିର ପତା ପଡ଼େ ନାହିଁ ।

ଅଳସ ଭାଙ୍ଗି ଭାଙ୍ଗି ପଲଙ୍କ ପାଖକୁ ଗଲି । ଉଜ୍ଜ୍ୱଳ ଆଲୋକ ଲିଭାଇ ଦେଇ ନୀଳ ରଙ୍ଗର ବେଡ୍ ଲାଇଟ୍ ଜାଳିଦେଲି । ତା'ପରେ ଶଯ୍ୟାରେ ଲମ୍ବା ହୋଇ ପଡ଼ିଗଲି ।

ସାଧାରଣତଃ ରାତ୍ରୀ ଦୁଇଟା ନ ବାଜିଲେ ମୋ ଆଖିକୁ ନିଦ ଆସେନାହିଁ । ତା'ର କାରଣ ମୋର ପ୍ରଫେସନ୍ । ମୁହଁର ରଙ୍ଗ ଛଡ଼ାଇ ଗ୍ରୀନ୍ ରୁମ୍ ବାହାରେ ଥିବା ବନ୍ଧୁମାନଙ୍କ ସହିତ ଦୁଇପଦ ଆଳାପ କରି ବସାକୁ ଫେରୁ ଫେରୁ ରାତ୍ରୀ ପ୍ରାୟ ଦୁଇଟା ହୋଇଯାଏ ।

ସେଦିନ କିନ୍ତୁ ଶଯ୍ୟାରେ ପଡୁ ପଡୁ ଆଖି ପତା ନଇଁ ଆସିଲା ! ବର୍ଷା ପାଗ ଯୋଗୁ ବର୍ଷାର ରିମ୍ ଝିମ୍ ଶବ୍ଦ ଶୁଣି ଶୁଣି ମୁଁ ଶୋଇବାକୁ ଚେଷ୍ଟାକଲି...

ହୁଏତ ଆଉ ଅଳ୍ପ ସମୟ ପରେ ମୁଁ ଗାଢ଼ ନିଦ୍ରାରେ ଅଭିଭୂତ ହୋଇ ପଡ଼ିଥାନ୍ତି । କିନ୍ତୁ... ।

ଠିକ୍ ସେତିକି ବେଳେ ଶୁଣିବାକୁ ପାଇଲି ଭିନ୍ନ ଏକ ସଙ୍ଗୀତର ସମ୍ମୋହନ ଶବ୍ଦ ।

କିଏ ଯେମିତି ତା'ର ଚଂପକ ଅଙ୍ଗୁଳି ଗୁଡ଼ାକ ସାହାଯ୍ୟରେ ମୋ ଗବାକ୍ଷ ଉପରେ ବାଦ୍ୟ ଅଭ୍ୟାସ କରୁଛି ।

ଅବଶ୍ୟ ଖୁବ୍ ଭଲ ଲାଗୁଥିଲା ।

ମୁଁ ଆଦୌ ଚିନ୍ତିତ ନଥିଲି । କାରଣ ଗୋଟାଏ ଅଜଣା କୁକୁର କେତେଦିନ ହେଲା ସ୍ୱେଚ୍ଛାକୃତ ଭାବେ ମୋ ବସାର ଦ୍ୱାର ଦେଶରେ ପହରା ଦେଉଥିଲା । ବର୍ଷା ମାଡ଼ ଖାଇ ପିଣ୍ଡା ଉପରକୁ ଉଠି ଆସିଛି । ତା'ପରେ ଚାହୁଁଛି ଘର ଭିତରେ ପ୍ରବେଶ କରିବା ପାଇଁ ।

କିନ୍ତୁ ତାହା କ'ଣ ସମ୍ଭବ ?

ଆପଣମାନେ କ'ଣ ଶୟନ କକ୍ଷରେ ନିଶାର୍ଦ୍ଧରେ ଗୋଟାଏ କାଦୁଅ ଲଟପଟ ହେଉଥିବା ବୁଲା କୁକୁରକୁ ଘର ଭିତରେ ପ୍ରବେଶ କରିବା ପାଇଁ ଅନୁମତି ଦେବେ ? ବୋଧହୁଏ ନା । ହଠାତ୍ କେହି ଧାଇଁ ଯାଇ ଦରଜା ଖୋଲିବେ ନାହିଁ । ଏଇଟା ସଂସାରର ସାଧାରଣ ନିୟମ । ସାଧାରଣ ହେଲେ ବି ଏହି ନିୟମଗୁଡ଼ିକ ଅତି ମୂଲ୍ୟବାନ୍ । ଆଉ ଏହି ସାଧାରଣ ନିୟମ ଯେଉଁମାନେ ଭଙ୍ଗ କରନ୍ତି, ସେମାନେ ନିଶ୍ଚିତ ଅସୁବିଧାରେ ପଡ଼ନ୍ତି ।

କିନ୍ତୁ ମୋର ବିବେକ ବାଧା ଦେଲା ।

ଯାହା ହେଲେ ବି ତା'ର ଜୀବନ ଅଛି, ତା'ର ଗୋଟିଏ ଆତ୍ମା ଅଛି । ଆଉ ସେ' ଅନୁଭବ କରିପାରୁଛି, କଥା ସିନା କହିପାରୁନାହିଁ...

ମୁଁ ସାଧାରଣ ନିୟମ ଭଙ୍ଗ କରି ପଲଙ୍କ ଉପରୁ ଉଠି ଆସି ବଗାକ୍ଷ ଖୋଲି ଦେଲି ।

ହଠାତ୍ ମୋ ସନ୍ଦେହରେ ପୂର୍ଣ୍ଣଚ୍ଛେଦ ପକାଇ କୁକୁର ବଦଳରେ ହରିଣୀଟିଏ ଘର ଭିତରକୁ ଧାଇଁ ଆସିଲା ପରି ମନେହେଲା ।

ମୁଁ ସ୍ତବ୍ଧ ହୋଇ ତାଙ୍କୁ ଚାହିଁ ରହିଲି...

: ପ୍ଲିଜ୍ । କବାଟଟା ବନ୍ଦ କରି ଦିଅନ୍ତୁ... ସେମାନେ ମୋ ପଛରେ ଗୋଡ଼େଇଛନ୍ତି...

ମୁଁ ଆଶ୍ଚର୍ଯ୍ୟ ହୋଇ ଉଠିଲି...

ସତକୁ ସତ ମୋ କଳ୍ପନାଗୁଡ଼ାକ କ'ଣ ସତ ହୋଇଗଲା ?

ମୁଁ ପ୍ରଶ୍ନ କଲି... କିଏ ତୁମେ । କେଉଁମାନେ ଗୋଡ଼ାଇଛନ୍ତି ତୁମ ପଛରେ... ?

ଦେଖୁଛନ୍ତି ତ ଝିଅଟିଏ ।

ଯୁବତୀ ନିଜେ ବୁଲିପଡ଼ି ତା ହାତରେ ଥିବା ଲେଦର ସୁଟ୍‌କେଶଟିକୁ ତଳେ ଥୋଇ ବିଦ୍ୟୁତ୍ ଗତିରେ କବାଟର ଶିକୁଳି ଲଗାଇ ଦେଲା ।

ତା'ପରେ ବ୍ୟାଗ୍ ଉଠାଇ ନେଇ କହିଲା । ସେମାନେ ସଂଖ୍ୟାରେ ତିନିଜଣ । ଆକଣ୍ଠ ମଦ ପିଇ, ଅଭଦ୍ରଙ୍କ ଭଳି ବ୍ୟବହାର କରି ଖାଲି ହସୁଛନ୍ତି ।

: ଓଃ...ମୁଁ ଅସ୍ପଷ୍ଟ ଗୁଞ୍ଜନ କଲି...

ଝିଅଟି ଆଉ ଟିକିଏ ପାଖକୁ ଲାଗି ଆସିଲା ।

ଆମେ ଦୁହେଁ କେବଳ ଠିଆ ହେଲୁ । ସେମିତି ଅବସ୍ଥାରେ ପ୍ରାୟ ଦୁଇ ମିନିଟ୍ ଅତିବାହିତ ହୋଇଗଲା । ମୁଁ ମୋ କଳ୍ପିତ ନାଟକକୁ ଚିନ୍ତା କରୁଥିଲି ।

କିଛିଟା ଚିନ୍ତା କରି ପାଦ ଚିପି ଚିପି ଆଗେଇଲି ଝରକା ନିକଟକୁ । ଖୁବ୍ ସତର୍କରେ ତାହା ଖୋଲିଲି । ଚାହିଁଲି ବାହାରକୁ । ବର୍ଷାର ମହ୍ଲାର...ଅପରିବର୍ତ୍ତିତ ଥିଲା..., ତା ସାଥୀକୁ ଜନଶୂନ୍ୟ ଧରଣୀ । କେବଳ ପବନର ସୁ ସୁ ଓ ଜଳର ଟପ୍ ଟପ୍ ଶବ୍ଦ ।

ତଥାପି ମୁଁ ଭଲଭାବେ ଏପାଖ ସେପାଖ ଚାହିଁଲି । ...ନା ଏ କଳ୍ପନା ନୁହେଁ, ଏକଦମ ବାସ୍ତବ ।

ହଠାତ୍ ମୋ ଶରୀରରେ ଶିହରଣ ଖେଳିଗଲା...

ଝିଅଟା ଏକଦମ୍ ପାଖକୁ ଲାଗି ଆସୁଛି । ମୁଁ ତା' ମୁହଁର ଥଣ୍ଡା ପବନ ଅନୁଭବ କରି ପାରୁଥିଲି ।

ଗୁଣ୍ଡା ତିନିଜଣ ଚାଲିଗଲେଣି ବୋଧହୁଏ ?

: ପ୍ରାୟ ସେଇଆ...

: ଓଃ ଆଜି କି ଦୁର୍ଯୋଗ...ଏଣେ ବର୍ଷା ଅନ୍ଧାରକୁ...ତେଣେ...

ଭୂମିର ଚୁମ୍ବକୀୟ ଶକ୍ତି ମୋ ପାଦକୁ ଟାଣି ଧରିଥିଲା ପରି ମନେହେଲା । କାରଣ ଠିଆ ହେବା ସ୍ଥାନରୁ ମୁଁ ଇଞ୍ଚେ ମଧ୍ୟ ଏପାଖ ସେପାଖ ହୋଇପାରୁ ନଥିଲି । ଗୋଟାଏ ହାତରେ ମୁଁ ଝରକାର ପଟାକୁ ଧରିଥିଲି । ଅନ୍ୟ ହାତଟା ବୋଧହୁଏ ଯୁବତୀ ସହିତ ଘନିଷ୍ଠ ହୋଇ ଯାଇଥିଲା... ମୁଁ କିଛିଟା ଅନୁଭବ କରିପାରୁଥିଲି... କିଛିଟା ସଙ୍କୋଚ ମଧ୍ୟ ରହିଥିଲା ମୋ ନିକଟରେ...

ତା' ଭିଜା ଭିଜା ତନୁ ପାଖୁଡ଼ାରୁ ଟୋପା ଟୋପା ହୋଇ ଜଳବିନ୍ଦୁ ଠିକ୍ ମୋ ଉପର ଦେଇ ଝରି ଯାଉଥିଲା...ନାଟକର ହଠାତ୍ ଆଉ ଗୋଟିଏ ଦୃଶ୍ୟ ମୋ ଆଖି ଆଗରେ ନାଚିଗଲା...

ଚଳ ଚଞ୍ଚଳ ହରିଣୀଟିଏ, ତା' ପଛରେ ତିନୋଟି ବାଣୁଆ । ହରିଣୀ ଧାଇଁଛି...ବାଣୁଆ ଲୁଚି ଗଲେଣି । ଆଉ ଅନେକ ବିଶ୍ୱାସ ନେଇ ମୋ ବାହୁ ଛାୟା ତଳକୁ ଚାଲି ଆସିଛି ହରିଣୀଟି ।

ତା'ର ସୁଁ ସୁଁ ଶବ୍ଦରେ ମୋର ଧ୍ୟାନ ଭଙ୍ଗ ହେଲା...

: ଥଣ୍ଡା ଧରିନେଲା ବୋଧହୁଏ ? ସମ୍ପୂର୍ଣ୍ଣ ଭିଜି ଯାଇଛ ନା ? ମୁଁ ପ୍ରଶ୍ନ କଲି...

: ଗୋଟାଏ ଅସଂପୂର୍ଣ୍ଣ ବର୍ଷା ପାଗରେ ଆଉ ଅଧିକ କ'ଣ ହୋଇଥାନ୍ତା...

: ବର୍ଷା ଛାଡ଼ିଗଲେ ବି ଚାଲିଯିବାଟା ନିରାପଦ ନୁହେଁ...ଏଣୁ, ଅଧିକ କିଛି କହି ନପାରି, ମୁଁ ନୀରବ ହେଲି । ଭାବିଥିଲି ମୋ ଅସମ୍ପୂର୍ଣ୍ଣ ବାକ୍ୟକୁ ସେ ପୂର୍ଣ୍ଣ କରିବ...

ସେଇଆ ହେଲା । ଯୁବତୀ କହିଲା–

: ଖୁବ୍ ଅଳ୍ପ ସମୟ ଭିତରେ ଆପଣ ମୋ ପାଇଁ କିଛି ଚିନ୍ତାକରି ସାରିଛନ୍ତି ତା'ହେଲେ... ?

: ସେଇଟା ମନୁଷ୍ୟର କର୍ତ୍ତବ୍ୟ । ସମୟଟା ଭଲ ନୁହେଁ । ଏକୁଟିଆ ଯିବା ଆଦୌ ନିରାପଦ ହେବନାହିଁ । ବର୍ଷା ଛାଡ଼ିଲେ ମୁଁ ନିଜେ ନେଇ ଆପଣଙ୍କ ଘରେ ଛାଡ଼ିଦେଇ ଆସିବି ।

ମୁଁ ଠିକ୍ କହିଛି ବୋଲି ଅନୁଭବ କରୁଥିଲି ।

କିଛିଟା ସଙ୍କୋଚ ପରିତ୍ୟାଗ କଲି । ଝରକା ପାଖ ଛାଡ଼ି ଆଗକୁ ଯିବାକୁ ଚାହିଁଲା ବେଳେ, ସେ ମୋର ପଥରୋଧ କରି ଠିଆ ହେଲା ।

ତା'ର କଣ୍ଠସ୍ୱର ଅତି ମଧୁର...

: ଝରକା ଦେଇ ଦିଅନ୍ତୁ ନା, ପବନଟା, ଓଦା ଦେହକୁ ଖୁବ୍ କାଲୁଆ ଲାଗୁଛି । ଦେହ ଭିତରଟା ଥରି ଉଠୁଛି ।

ମୁଁ ତା'ର ସେ ଅନୁରୋଧକୁ ଗୋଟାଏ ଆଦେଶ ଭଳି ପାଳନ କଲି ।

ଝରକା ବନ୍ଦକରି ପଲଙ୍କ ନିକଟକୁ ଆସିଲି । ବେଡ୍‌ଲାଇଟ୍ ଲିଭାଇ ପାୱାର ବତୀ ଜାଳିଲି ।

Digitized by :-
Deb's Library Corner...

ସମସ୍ତ ଆଲୋକ ଏକ ସଙ୍ଗରେ ନବାଗତ ଯୁବତୀ ଦେହରେ ପଡ଼ି ପ୍ରତିଫଳିତ ହୋଇ ଉଠିଲା ।

ମୁଁ ସିଧା ଚାହିଁବାକୁ ସାହସ କରିପାରିଲି ନାହିଁ ।

ବାସ୍ତବିକ୍ ସେ ଭିଜି ଯାଇଥିଲା...ସମ୍ପୂର୍ଣ୍ଣ ରୂପେ ଭିଜି ଯାଇଥିଲା । ଫିକା ଗହମ ରଙ୍ଗର ମିନି ସ୍କର୍ଟ୍‌ଟି ତା' ଦେହ ଉପରେ ଆଉ ଗୋଟାଏ ଚମଡ଼ ପାଲଟି ଯାଇଥିଲା ।

କୌତୁକ ଚକ୍ଷୁ ମୋର ତା ଦେହ ଉପରେ ପହଁରି ଆସି ପାଦ ପାଖରେ ଅଳସ ଭାଙ୍ଗିଲେ...

ଛୋଟ ଛୋଟ ସୁନ୍ଦର ପାଦ ଦୁଇଟି । ଖୁନ୍ଦି ହେଲାପରି ଗୋଲ ଗୋଲ ନଖ ଉପରେ ଆରକ୍ତର ପ୍ରଲେପ । ଗହମ ରଙ୍ଗ ଉପରେ ଦୁଇଧାର ଫିକା ଶ୍ୱେତ ଚିହ୍ନ ସୂଚାଇ ଦେଉଥିଲା, ଯୁବତୀଟି ଚପଲ ପିନ୍ଧିବାରେ ଅଭ୍ୟସ୍ତ ।

କିନ୍ତୁ ବର୍ତ୍ତମାନ ତା' ପାଦରେ ପାଦୁକା ହଳକ ନାହିଁ । ଗୁଣ୍ଡାମାନଙ୍କ ଭୟରେ ଧାଇଁଲାବେଳେ ବାଟରେ କେଉଁଠି ପକାଇ ଦେଇ ଚାଲିଆସିଛି ବୋଧହୁଏ ।

ହଠାତ୍ ମୋ ଚକ୍ଷୁର ଦୁଷ୍ଟାମିକୁ ବୁଝିପାରିଲା ଯୁବତୀଟି । ମନ ଜାଣିଲା ପରି ଚଟାପଟ୍ କହିଲା : ଭଲ ଚପଲ ହଳକ ଫିଙ୍ଗି ଦେଇ ଆସିବାକୁ ହେଲା । ସେଇ ଚପଲ ହଳକୁ ଲୋଭ କରିଥିଲେ, ସେମାନେ ମୋତେ ଧରି ପକାଇଥାନ୍ତେ ।

: କେଉଁମାନେ ଧରି ପକାଇଥାନ୍ତେ ? ହଠାତ୍ ମୁଁ ଫେରି ଆସିଲି ସମ୍ପୂର୍ଣ୍ଣ ଜାଗ୍ରତ ଅବସ୍ଥାକୁ ।

: ସେଇ ଲମ୍ପଟ ମନୁଷ୍ୟ ତିନିଜଣ । ଯାହାଙ୍କ ପାଖରେ ସାମାନ୍ୟ ମାନବିକତାର ଟିକିଏ ହେଲେ ବି ଚିହ୍ନ ସୁଦ୍ଧା ନାହିଁ ।

ଯୁବତୀ ତା ବ୍ୟାଗଟିକୁ ସେ ପର୍ଯ୍ୟନ୍ତ ଝୁଲାଇ ଧରିଥିଲା ହାତରେ ।

: ଆରେ ବ୍ୟାଗଟାକୁ ସେତିକିବେଳୁ ଧରିଛୁ କାହିଁକି । ସେଇଟାକୁ ତଳେ ରଖି ଚେୟାର ଉପରେ ବସ । ବ୍ୟାଗ୍‌ଟି ଭାରି ହୋଇଥିବ ନିଶ୍ଚୟ...

: ଯୁବତୀ ମୋର ଅନୁରୋଧ ରକ୍ଷା କରୁ କରୁ କହିଲା : ନା ବିଶେଷ ଭାରି ନୁହେଁ, କିନ୍ତୁ ଅତ୍ୟନ୍ତ ମୂଲ୍ୟବାନ୍ !

: ମୂଲ୍ୟବାନ୍ !

: ହଁ, ଆଜି ଏ ସଂସାରରେ ମନୁଷ୍ୟ ପାଇଁ ସବୁଠାରୁ ମୂଲ୍ୟବାନ ହେଉଛି ତା'ର ବସ୍ତ୍ର...ମୋ ଲୁଗାପଟା ଏହା ଭିତରେ ଅଛି ।

ମୁଁ ପଲଙ୍କ ଉପରେ ବସିଥିଲି । ସେ କୁଶନ ଉପରେ । ଆସ୍ତେ ଆସ୍ତେ ଆମେ ଦୁହେଁ ସହଜ ହୋଇ ଆସୁଥିଲୁ । ଯୁବତୀର ସୌନ୍ଦର୍ଯ୍ୟ ମତେ ଖୁବ୍ ଭଲ ଲାଗୁଥିଲା ।

ବୟସ ଅଠରରୁ କୋଡ଼ିଏ ଭିତରେ । ଗୋଲ ଗୋଲ କଳା ଆଖି, ଖଣ୍ଡାଧାର ପରି ନାକ, ଚିତ୍ରକଳା ପରି ଅଧର ଯୁଗଳ । ଗଣ୍ଡ ଦେଶ ମସୃଣ, ମଥାରେ ସୁନେଲି ବବ୍ କେଶ । ଆଉ ସେହି କେଶଗୁଚ୍ଛକୁ ବାନ୍ଧି ରଖିଥିଲା ଦୁଇଟି ଗୋଲ୍‌ଡେନ୍ ହେୟାର ପିନ୍ ।

ଦେହକୁ ମ୍ୟାଚ୍ କଲା ପରି ପିନ୍ଧିଥିଲା ପୋଷାକ । ମୋଟାମୋଟି ଭାବରେ କହିବାକୁ ଗଲେ, ତା'ର ସୌନ୍ଦର୍ଯ୍ୟରେ ଭରପୁର ଆକର୍ଷଣ ଥିଲା ।

ଏମିତି ଗୋଟାଏ ଖିଆଲରେ କହୁ କହୁ କହି ପକାଇଲି...

: ଓଦା ପୋଷାକ ଦେହରେ ରହିଲେ ଥଣ୍ଡା ଧରିପାରେ । ସେଗୁଡ଼ାକ ବଦଳାଇ ଦେଲେ ଭଲ ହୁଅନ୍ତା...

ଯୁବତୀ ହସିଲା...ପୁରୁଷ ମନଲୋଭା ହସ...

: ମତେ ଫେରିବାକୁ ତ ହେବ, ପୋଷାକ ବଦଳାଇ ଲାଭ କ'ଣ ? ବର୍ଷା ହୁଏତ ଥମି ଆସିଲାଣି...

ମୁଁ ଚଞ୍ଚଳ ହୋଇ ଉଠିଲି...

: ଯିବ ଯଦି ଆଉ ଅପେକ୍ଷା କରି ଲାଭ କ'ଣ ? କେଉଁଠାକୁ ଯିବ କୁହ, ମୁଁ ନେଇ ଛାଡ଼ିଦେଇ ଆସିବି । ଏତିକି କହି ପଲଙ୍କ ଉପରୁ ଉଠି ଆସିଲି । ସେ ମଧ୍ୟ ଠିଆ ହୋଇ ତା ସୁଟ୍‌କେଶ ଧରିଲା...

ଧୁହେ କବାଟ ଖୋଲି ବାରଣ୍ଡାକୁ ଆସିଲୁ । ମୁଁ ଗାଉନ୍ ବଦଳାଇ ନଥିଲି । ବର୍ଷା ଏକଦମ୍ ଛାଡ଼ି ଯାଇଥିଲା । ଆକାଶରେ ଗୋଟିଏ ଦୁଇଟା ନକ୍ଷତ୍ର ମଧ୍ୟ ଆତ୍ମପ୍ରକାଶ କରିଥିଲେ ।

: ରିକ୍ସା ଏବେ ମିଳିବ ନାହିଁ । ପାଦରେ ଚାଲି ଚାଲି ଯିବାକୁ ହେବ । କେଉଁ ସ୍ଥାନକୁ ଯିବ କହିଲ... ?

: ବହୁତ ଦୂର...ସହରର ସେ ପ୍ରାନ୍ତକୁ... ଆପଣ ମୋ ସାଥିରେ ଏତେ ରାସ୍ତା ଚାଲିପାରିବେ ନାହିଁ ।

: କାହିଁକି ଚାଲିପାରିବି ନାହିଁ ? ତୁମେ ତ ଚାଲିପାରିବ...

: ମୁଁ କେବଳ ଯିବି, କିନ୍ତୁ ଆପଣ ଯିବେ ଆଉ ଫେରିବେ... ।

: ସତେ ତ ...

ଯୁବତୀଟି ଠିକ୍ କହିଥିଲା । ମୋର ଇଚ୍ଛା ହେଉଥିଲା ତାକୁ ସକାଳ ପର୍ଯ୍ୟନ୍ତ ଅଟକାଇ ରଖିବାକୁ । ଯାନବାହନର କୌଣସି ଅସୁବିଧା ରହିବ ନାହିଁ । କିନ୍ତୁ

ସେ ନିଜେ ଯେପର୍ଯ୍ୟନ୍ତ ଇଚ୍ଛା ନକରିଛି, ଅନଧିକାର ଚର୍ଚ୍ଚାଟା ଆଦୌ ଭଲ ନୁହେଁ । ତା'ଛଡ଼ା ସେ କି ପ୍ରକାର ଝିଅ, ଏତେ ରାତିରେ ଆସିଲା କେଉଁଠୁ...ଯିବ କେଉଁଆଡ଼େ...ନଜାଣିଲା ପର୍ଯ୍ୟନ୍ତ...

: କ'ଣ ଭାବୁଛନ୍ତି...

: ନା, ଅନ୍ୟକୁ ସାହାଯ୍ୟ କଲେ, କଷ୍ଟ ସହିବାକୁ ପଡ଼ିଥାଏ...

: କିନ୍ତୁ ଆପଣଙ୍କୁ କଷ୍ଟ ଦେବା ମୋର ଉଦ୍ଦେଶ୍ୟ ନୁହେଁ । ସେମିତି ଆସିଥିଲି, ସେମିତି ଚାଲିଯିବି । ଆପଣ ବିଶ୍ରାମ ନିଅନ୍ତୁ...

: ସେ ମଦ୍ୟପ ତିନିଟା ପୁଣି ଯଦି ଆତ୍ମପ୍ରକାଶ କରନ୍ତି ?

: ଧରାଯାଉ ଆପଣ ଅଛନ୍ତି ମୋ ସାଥିରେ... କ'ଣ କରିବେ ? ଆପଣ ଏକା ଆଉ ସେମାନେ ତିନିଜଣ...ଏଣୁ ମୋ ପାଇଁ ସେଇ ଗୋଟାଏ କଥା । 'ନରେ ବା କୁଞ୍ଜରେ ଅଶ୍ୱତ୍ଥାମା ହତ, ଯାହା ଭାଗ୍ୟରେ ଥିବ ।

ମୁଁ ଚିନ୍ତାନ୍ୱିତ ହୋଇ ଉଠିଲି...

ଯୁବତୀ ଆଗକୁ ଯିବା ପାଇଁ ପାଦ କାଢୁଥିଲା, ହଠାତ୍ ମୁଁ କହି ଉଠିଲି...

: ଆଉ ଘଣ୍ଟେ ଦୁଇଘଣ୍ଟା ଗଲେ ରାତ୍ରି ପାହିଯିବ । କିଛି ସମୟ ପାଇଁ ଏଇଠି ରହିଗଲେ କ୍ଷତି କ'ଣ ?

ଖିଲି ଖିଲି ହୋଇ ହସି ଉଠିଲା ଯୁବତୀଟି...

: ସତରେ ଆପଣ ଖୁବ୍ ବୋକା...ମୋ ଭଳି ଗୋଟିଏ ଆଶ୍ରିତାକୁ ଏପରି ସମୟରେ ଫେରାଇ ଦେଉଥିଲେ କେମିତି ?

ମୁଁ ଲାଜରେ ମୁହଁ ତଳକୁ କଲି । କହିଲି : ବାସ୍ତବିକ ମୁଁ ଦୁଃଖିତ । ମୋର ଧାରଣା ଥିଲା, କାଳେ, ତୁମେ ସେସବୁକୁ ଅନଧିକାର ଚର୍ଚ୍ଚା ବୋଲି ଭାବି ପାର...

: ଲଜ୍ୟା କରିବା ନାରୀର ପ୍ରକୃତି । ପୁରୁଷର ନୁହେଁ । ମୁଁ କହି ପାରୁ ନଥିଲି...ଓଃ...ଭିତରକୁ ଚାଲନ୍ତୁ, ଖୁବ୍ ଥଣ୍ଡା ଲାଗୁଛି ।

ମୋତେ ଅପେକ୍ଷା ନକରି ଯୁବତୀଟି କ୍ଷୀପ୍ର ବେଗରେ ପୁଣିଥରେ ପଶି ଆସିଲା ଘର ଭିତରକୁ । ମୁଁ ମୁହଁ ଫେରାଇଲି ।

ଏଥରକ କବାଟକୁ ନିଜେ ଲକ୍ କରିବା ପାଇଁ ହେଲା ।

ଯୁବତୀଟି ବେଶ୍ ଆରାମରେ ତା' ଲେଦର ସୁଟ୍‌କେଶ୍ ଧରି ବାଥ୍‌ରୁମ୍ ଆଡ଼େ ଆଗେଇଲା । ସତେ ଯେମିତି ସେ ଏ ଘର ସହିତ ପୂର୍ବ ପରିଚିତା ।

ମୁଁ କିଛି ସମୟ ପାଇଁ ଚିନ୍ତା ରାଜ୍ୟରେ ବୁଡ଼ିଗଲି । ମତେ ଆଉ କଳ୍ପନା କରିବାକୁ ପଡ଼ିବ ନାହିଁ । ନିଜ ନାଟକର ଅଙ୍ଗେଲିଭା ଦୃଶ୍ୟ ନିଜେ ଦେଖିବାକୁ ହେବ । ଦେଖାଯାଉ ଆଗାମୀ ଦୃଶ୍ୟ ଗୁଡ଼ାକ ମୋ ପାଇଁ କି କ୍ଲାଇମେକ୍ସ ସୃଷ୍ଟି କରୁଛି ???

●

ଯୁବତୀଟି ପୋଷାକ ବଦଳାଉଥିଲା ବୋଧହୁଏ । ଅବଶିଷ୍ଟ ସମୟ ମୋ ପାଖରେ ରହିବ ମୋର ଅତିଥି ହୋଇ । ଅତିଥି ସତ୍କାର ପାଇଁ ଚିନ୍ତା କଲି । ଓଦା ଦେହକୁ ଚା' ଗୋଟିଏ ମେଡ଼ିସିନ୍ ଭଳି କାମ କରିବ । ଚା'

ଛଡ଼ା ଏଠାରେ ମୁଁ ଅନ୍ୟ ଜିନିଷ କ'ଣ ବା ଦେଇ ପାରିବି ?

ମୁଁ ମୋର ଛୋଟ କିଚିନ୍ ରୁମ୍ ଭିତରକୁ ପ୍ରବେଶ କଲି ।

ଷ୍ଟୋଭ୍ ଚେକ୍ କରିବାକୁ ହେଲା । କାରଣ ପ୍ରାୟ ମାସେ ହେଲା ତାହା ବ୍ୟବହାର ହୋଇ ନଥିଲା । ଜରୁରୀକାଳୀନ ପରିସ୍ଥିତି ପାଇଁ ମୁଁ ସବୁକିଛି ଷ୍ଟକ୍ ରଖିଥାଏ । କିନ୍ତୁ ସରଞ୍ଜାମ ଖୋଜୁଖୋଜୁ ମତେ ପ୍ରାୟ ସାତ ମିନିଟ୍ ସମୟ ଲାଗିଗଲା ।

ସସ୍‌ପେଣ୍ଟରେ ପାଣି ପୁରାଇ ଷ୍ଟୋଭ୍ ଉପରକୁ ଉଠାଉଛି...ଖିଲି ଖିଲି ହୋଇ ହସି ଉଠିଲା ଯୁବତୀଟି । ଏହା ଭିତରେ ପୋଷାକ ବଦଳାଇ ସାରିଥିଲା ସେ...

: ଏଇ ଟିକକ ଆଗରୁ ମୋତେ ଘରୁ ତଡ଼ି ଦେଇଥିଲେ । ଏବେ କ'ଣ ବେଶ୍ ତତ୍ପରତାର ସହିତ ଅତିଥି ସେବାରେ ଲାଗିଗଲେଣି... ? ରୋଷେଇ ଘରର ଅବସ୍ଥା କହୁଛି, ଏ ଘରକୁ କେବେ କୌଣସି ସ୍ତ୍ରୀଲୋକ

ପାଦ ପକାଇ ନାହାନ୍ତି । ଛାଡ଼ନ୍ତୁ...ମୁଁ ଟା’ କରି ଦେଉଛି । ଏ ସବୁ କାମ ନାରୀର...ପୁରୁଷଙ୍କର ନୁହେଁ ।

ସେ ମୋତେ ଏକ୍‌ଦମ୍ ଠେଲିଦେଇ, ମୋ ସ୍ଥାନ ଦଖଲ କରିନେଲା । ମୁଁ ମୁଗ୍‌ଧ ନେତ୍ରରେ ଚାହିଁ ରହିଲି ।

ସ୍କଟ ସ୍ଥାନରେ ତା’ ଦେହରେ ଥିଲା ଗାଢ଼ ଲାଲ ରଙ୍ଗର ଶାଢ଼ୀ, ତା ସାଙ୍ଗକୁ ମ୍ୟାଚ୍ କଲା ଭଳି ବ୍ଲାଉଜ୍ । ହାତରେ ହାତେ ନାଲି ଚୁଡ଼ି, କାନରେ ଲାଲ ଝୁମ୍କା, ଅଧରରେ ମାଦାଜର ରଙ୍ଗ, ଆଖିତଳେ କଜ୍ଜ୍ୱଳ ପ୍ରଲେପ ।

ସବୁଠାରୁ ଆକର୍ଷଣୀୟ ଦେଖାଯାଉଥିଲା ତା’ କପାଳ ଉପରେ ଉଦିତି ସୂର୍ଯ୍ୟ ଭଳି ଗୋଲ ଏକ ଲାଲଟୋପା ।

ମନେହେଲା, ମୋ ବିବାହିତା ପତ୍ନୀ ଯେମିତି ଘରକରଣାରେ ଲାଗି ପଡ଼ିଛନ୍ତି । ସତରେ, ତା ଦେହକୁ ସ୍କଟ୍ ଅପେକ୍ଷା ଶାଢ଼ୀଟା ଖୁବ୍ ଭଲ ମାନୁଥିଲା ।

: ଆରେ । ଠିଆହୋଇ ରହିଲେ କାହିଁକି... ? ବେଡ଼କୁ ଯାଆନ୍ତୁ । ମୁଁ ଠିକ୍ ଦେଖି ନେଇ ସାରିଛି ଆପଣଙ୍କ ରୋଷେଇ ଘରେ କେଉଁଠି କ’ଣ ଅଛି...

Digitized by :-
Deb’s Library Corner...

ବାଧ୍ୟ ଶିଶୁଟିଏ ପରି ମୁଁ ଫେରି ଆସିଲି ମୋ ଶୟନ କକ୍ଷକୁ ।

ମୋ ପଛେ ପଛେ ଦୁଇକପ୍ ଚା' ନେଇ ସେ ଆସିଲା । ମୋ ହାତକୁ ଗୋଟାଏ କପ୍ ବଢ଼ାଇ ଦେଇ ଖୁବ୍ ପାଖକୁ ଲାଗି ପଲଙ୍କ ଉପରେ ବସିଗଲା ।

କୌଣସି ଦାମୀ ଏସେନ୍‌ସର ଭୁରୁ ଭୁରୁ ଗନ୍ଧ ମୁଁ ଆଘ୍ରାଣ କରି ପାରୁଥିଲି । ବୋଧହୁଏ ତାହା ତା'ର ମୂଲ୍ୟବାନ୍ ଶାଢ଼ୀରୁ ଭାସି ଆସୁଥିଲା ।

: ଚା' କେମିତି ଲାଗିଲା ?

: ଖୁବ୍ ଭଲ । ମୁଁ ନିଜେ କରିଥିଲେ ଏତେ ଭଲ ଲାଗି ନଥାନ୍ତା...

: କପ୍‌ଟା ଦିଅନ୍ତୁ, ଯଥା ସ୍ଥାନରେ ରଖିଦେଇ ରୋଷେଇ ଘର କବାଟ ବନ୍ଦକରି ଫେରି ଆସିବି ।

ମୁଁ ତା ହାତକୁ ଖାଲି କପ୍ ବଢ଼ାଇ ଦେଲି । ହରିଣ ଛୁଆଟିଏ ପରି ସେ ଡେଇଁ ଡେଇଁ ଚାଲିଗଲା ରୋଷେଇ ଘର ଉଦ୍ଦେଶ୍ୟରେ ।

ତା'ର ଅନୁପସ୍ଥିତିରେ ମନରେ ମୋର ଅନେକ ପ୍ରଶ୍ନବାଚୀ ଜାଗି ଉଠିଲା । କିଏ ଏଇ ଯୁବତୀ ? ଏତେ ରାତିରେ ଯାଉଥିଲା କେଉଁଆଡ଼େ ? ଆସୁଥିଲା ବା କେଉଁଠୁ ? ଏପର୍ଯ୍ୟନ୍ତ ସେ ନିଜର ପରିଚୟ ମଧ୍ୟ ପ୍ରଦାନ କରିନାହିଁ । ନୈତିକତା ଦୃଷ୍ଟିରୁ ସେ ନିଜର ପରିଚୟ ପ୍ରଥମେ ଦେଇଦେବା କଥା ।

ମନେହେଲା ଯୁବତୀଟି ଏକ ରହସ୍ୟମୟୀ...

ତା'ର ପ୍ରତ୍ୟେକଟି ମୁଦ୍ରାରେ ରହସ୍ୟ ଭରି ରହିଛି । ତା'ର ସୌନ୍ଦର୍ଯ୍ୟରେ ସମ୍ମୋହନ ଶକ୍ତି ରହିଛି । ଆଖିରେ ରହିଛି ନିମନ୍ତ୍ରଣ । କିନ୍ତୁ ବିନା ଉଦ୍ଦେଶ୍ୟରେ ମୋତେ ଆହ୍ୱାନ କରୁଛି କାହିଁକି ?

ସତରେ ତାକୁ କ'ଣ ତିନିଜଣ ମଦ୍ୟପ ଗୁଣ୍ଡା ଅନୁସରଣ କରୁଥିଲେ ? ଯଦି ତାହା ସତ୍ୟ, ତେବେ ଏତେ ଶୀଘ୍ର ସେମାନଙ୍କର ତନ୍ଦ୍ରା ଭାଙ୍ଗିଲା କିପରି ?

ହଠାତ୍ ମୋ ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ ଓଢ଼ଣୀ ଟାଣି କୂଳବଧୂଟିଏ ପରି ଫେରିଆସିଲା ସେ ।

ମୋ ପାଖରେ ଆସି ଠିଆ ହେଲା...

ମୁଁ କହିଲି ବସ, ଠିଆ ହୋଇ ରହିଲ କାହିଁକି ?

ସେ ପଲଙ୍କ ଉପରେ ନେଡ଼ି ମାରି ବସିଲା । ପଣତ ତା'ର ଖସିଗଲା ତଳକୁ । ମୁଁ ଚମକି ଉଠିଲି...

କିନ୍ତୁ ସେ ସ୍ୱାଭାବିକ ଅବସ୍ଥାରେ ଥିଲା । ଯେମିତି ତା ସହିତ ମୋର ଅନେକ ଦିନର ସମ୍ପର୍କ...

: ଆପଣଙ୍କୁ ଖୁବ୍ କଷ୍ଟଦେଲି ନା ?

: ନା, କିନ୍ତୁ ଏତେ ରାତିରେ ଯାଇଥିଲ କେଉଁ ଆଡ଼େ । ଅଚାନକ ପ୍ରଶ୍ନ କରି ଉଠିଲି ତାକୁ ।

: ଜଣେ ବନ୍ଧୁଙ୍କ ଘରକୁ...

: ଆସିଥିଲେ କେଉଁଠୁ... ?

: ଆପଣଙ୍କ ଭଳି ଜଣେ ବନ୍ଧୁଙ୍କ ପାଖରୁ...

: ବନ୍ଧୁ ତୁମକୁ ଏଭଳି ଏକ ଝଡ଼ ରାତ୍ରୀରେ ଏକୁଟିଆ ଛାଡ଼ିଦେଲେ କିମିତି ?

: ଆପଣତ ପୁଣି ଛାଡ଼ି ଦେଉଥିଲେ... ?

: ଏକୁଟିଆ ନୁହେଁ, ମୁଁ ସାଥିରେ ଯିବା ପାଇଁ ପ୍ରସ୍ତୁତ ଥିଲି...

ଯୁବତୀ ମୁଦ୍ରା ବଦଳାଇଲା । ସେ ଯେମିତି ପୋଜ୍ ନେଲେବି ତାକୁ ଭଲ ଦେଖାଯାଉଥିଲା । ତା'ର ଗୋଲ ଗୋଲ ଆଖି ଦୁଇଟାକୁ ଏପାଖ ସେପାଖ କରି କହିଲା ସେଇଥିପାଇଁ ତ ମୁଁ ଏ ଝଡ଼ ଅନ୍ଧାର ରାତ୍ରୀରେ ଫେରି ଆସିବା ପାଇଁ ବାଧ୍ୟ ହୋଇଥିଲ...

: ମାନେ ?

: ସୁନା ଅଣ୍ଡା ଦିଆ କୁକୁଡ଼ା କଥା ଶୁଣିଛନ୍ତି ? ଠିକ୍ ସେମିତି ସେ ମୋ ପେଟଚିରି ସବୁଯାକ ଅଣ୍ଡା ଏକାଥରକେ କାଢ଼ିନେବା ପାଇଁ ବସିଥିଲେ, କିନ୍ତୁ ଏକଥା ଚିନ୍ତା କରିବାର ଥିଲା, ଯେଉଁ କୁକୁଡ଼ା ସୁନା ଅଣ୍ଡା ଦିଏ, ସେ ସାଧାରଣ କୁକୁଡ଼ା ନୁହେଁ...

ରହସ୍ୟ ନକରି ଯାହା କହୁଛ ପରିଷ୍କାର କରି କୁହ । ତଥାପି ମୋର ଅବୁଝା ରହିଗଲା ...

ଫିକ୍ କରି ହସି ଦେଲା ଯୁବତୀ...ତା'ର ହସଟା ଖୁବ୍ ସଂକ୍ରାମକ ପରି ମନେ ହେଉଥିଲା । ହସିବା ଭିତରେ କହିଲା...

: ସତରେ ଆପଣ ଖୁବ୍ ସରଳ । ଆପଣଙ୍କ ଭଳି

ଯୁବକ ଉପରେ ବିଶ୍ୱାସ ରଖାଯାଇ ପାରେ । ତାଙ୍କ ପାଖରେ ସେଇ ବିଶ୍ୱାସ ଟିକକ ନଥିଲା । ରାସ୍ତାରେ ମୋତେ ଗୋଡ଼ାଇଥିବା ଗୁଣ୍ଡାମାନଙ୍କ ଅପେକ୍ଷା ସେ ଆହୁରି ଭୟଙ୍କର ଥିଲେ ।

: ଧରାଯାଉ ତୁମେ ଗୁଣ୍ଡାମାନଙ୍କର ସମ୍ମୁଖୀନ ହୋଇ ନଥାନ୍ତ, ତେବେ ଯାଇଥାନ୍ତ କେଉଁଆଡ଼େ ?

: କୌଣସି ଏକ ବିଶ୍ୱାସୀ ବନ୍ଧୁ ନିକଟକୁ ।

ମୁଁ ନୀରବ ରହିଲି । ସେ ଗୋଟିଏ ତକିଆ ଭିଡ଼ିଆଣି ପେଟତଳେ ଦେଇ ଦୁଇ ହାତକୁ ଛନ୍ଦି ତା ମୁଁ ଉପରେ ରଖି ମତେ ଚାହିଁଲା...

ମୁଁ ତା'ର ମନସ୍ତତ୍ତ୍ୱ ଅଧ୍ୟୟନ କରିବା ପାଇଁ ଚେଷ୍ଟା କରୁଥିଲି । କିଛିଟା ବୁଝୁଥିଲି, ଆଉ କିଛିଟା ଅବୁଝା ରହିଯାଇଥିଲା । ଯୁବତୀଟି ମତେ କିଛି ଲୁଚାଇ ରଖିବାକୁ ଚେଷ୍ଟା କରୁଥିଲା । ତଥାପି ତା'ର ପ୍ରତ୍ୟେକ ଅଙ୍ଗ ଭଙ୍ଗୀ, ଠାଣି, ହସ ଓ ଚାହାଣିରେ ଭରି ରହିଥିଲା ଅନେକ ସମ୍ମୋହନ ଶକ୍ତି । ମୁଁ ଭାବୁଥିଲି ଏଭଳି ଗୋଟିଏ ଝିଅକୁ ମୋର ଥିଏଟର ପାର୍ଟି ଭିତରକୁ ଯଦି ନିଆଯାଇ ପାରନ୍ତା

ତେବେ ପାର୍ଟିର ଆୟ ତଥା ସୁନାମ ଯଥେଷ୍ଟ ବୃଦ୍ଧିପାଇ ଯାଆନ୍ତା ।

ନିଜକୁ ଅନ୍ୟମାନଙ୍କ ପାଖରେ ସମର୍ପଣ କରିବା ପଛରେ ତା'ର କିଛି ଇତିହାସ ନିଶ୍ଚୟ ଅଛି । ସେ ଇତିହାସକୁ ତା' ଗର୍ଭରୁ ଆବିଷ୍କାର କରି, ତା'ମନରେ ଅନେକ ବିଶ୍ୱାସ ଭରିଦେଇ, ତାକୁ ଯଦି କଳା କ୍ଷେତ୍ରକୁ ଟାଣି ନିଆଯାଇ ପାରନ୍ତା, ତେବେ ସେ ଏକ ସୁନ୍ଦର କଳାକାର ହୋଇପାରନ୍ତା ।

: କ'ଣ ଭାବୁଛନ୍ତ... ?

: ଭାବୁଛି ମୋର ତ୍ରୁଟି ରହିଗଲା କି କେଉଁଠି ?

: ମାନେ ?

ତୁମ ଜୀବନ କାହାଣୀ ଜାଣିବା ପାଇଁ ମୋର କୌଣସି ଅଧିକାର ନାହିଁ । ତଥାପି ଯେତିକି 'ବିଶ୍ୱାସ' ଆମ ଦୁହିଁଙ୍କୁ ଆକସ୍ମିକ ଭାବେ ଏକତ୍ର କରିଛି ସେତିକି ଅଧିକାରରେ ମୁଁ କେବଳ ତୁମ ପରିଚୟ ଚାହୁଁଛି । ତାହା ତୁମେ କ'ଣ ଗୋପନ ରଖିବ ?

ଯୁବତୀର ଛନ୍ଦାୟିତ ହାତ ଦୁଇଟା ଉପରୁ ପଦ୍ମ ପାଖୁଡ଼ା ପରି ମୁହଁଟା ମତେ କୌତୁକ ନେତ୍ରରେ ଚାହିଁଲା । ସେ ଚାହାଣୀରେ ଫୁଟି ଉଠୁଥିଲା କିଛିଟା ସନ୍ତୋଷର ଚିହ୍ନ ।

କିଛି ସମୟ ଚିନ୍ତା କରିବା ପରେ ସେ କହିଲା ବିଜୟବାବୁ । ବୟସରେ ମୁଁ ଆପଣଙ୍କ ଠାରୁ ସାନ ହୋଇପାରେ, କିନ୍ତୁ ମନୁଷ୍ୟ ପରଖିବାର କ୍ଷମତା ମୋର ଯଥେଷ୍ଟ ଆସିଯାଇଛି । ଜୀବନର ସବୁକିଛି ଜଳାଞ୍ଜଳି ଦେଇ, ମସ୍ତକରେ କଳଙ୍କର ପାହାଡ଼ ବହନ କରି, ତା ବଦଳରେ ମୁଁ ଚିହ୍ନିଛି ଏ ମନୁଷ୍ୟ ଜାତିକୁ। ଆଜିର ସମାଜକୁ । ପ୍ରଥମ ସାକ୍ଷାତରେ ମୁଁ ଜାଣିନେଇଛି ଆପଣ ଜଣେ ସ୍ୱତନ୍ତ୍ର ପୁରୁଷ । ଜୀବନର ପ୍ରାରମ୍ଭରେ ଆପଣଙ୍କ ଭଳି ଜଣେ ମଣିଷ ସହିତ ମୋର ଯଦି ସାକ୍ଷାତ ହୋଇଥାନ୍ତା !!

ମୋ ନେତ୍ରରେ ବିସ୍ମୟ ଫୁଟି ଉଠିଲା...

: ତୁମେ ମୋ ନାଁ ଜାଣିଲ କେମିତି ?

: ଆପଣ ବିଜୟ ଦାସ । କଳିଙ୍ଗ ମୁଭିଂ ଆର୍ଟର ମେରୁଦଣ୍ଡ । କେବଳ ଆପଣଙ୍କ ଅଭିନୟ ଯୋଗୁ କଳିଙ୍ଗ ମୁଭିଂ ଆର୍ଟ ଆଜି ସହରରେ ଏତେବଡ଼ ନାଁ ଅର୍ଜନ କରିପାରିଛି । ଏହି ସହରରେ ଆପଣଙ୍କର ଶତାଧିକ ପ୍ରଶଂସକ ଅଛନ୍ତି । ସେ ସମସ୍ତଙ୍କୁ ଆପଣ ଜାଣିବା ସମ୍ଭବ ନୁହେଁ । କିନ୍ତୁ ସେମାନେ ଆପଣଙ୍କୁ ପୂଜା କରନ୍ତି । ସେହି ଅଗଣିତ ପ୍ରଶଂକଙ୍କ ଭିତରୁ ମତେ ଜଣେ ବୋଲି ଧରିନେଇ ପାରନ୍ତି ।

: ମୁଁ ଏଇଠି ରହେ ବୋଲି ତମେ କେମିତି ଜାଣିଲ ?

: ଗୋଟିଏ ସଂଯୋଗ ବୋଲି ଭାବି ପାରନ୍ତି । ମଦ୍ୟପମାନେ ମୋତେ ଅନୁସରଣ କଲାବେଳେ, ଆତ୍ମରକ୍ଷା ପାଇଁ ମୁଁ ପ୍ରାଚୀର ଅତିକ୍ରମ କରି ଆପଣଙ୍କ ଗାର୍ଡେନ୍ ଭିତରେ ଆତ୍ମଗୋପନ କରିବା ଉଦ୍ଦେଶ୍ୟରେ ଚାଲି ଆସିଲି । ବର୍ଷାର ଶୀତୁଆ ପବନରେ ଗାର୍ଡେନ୍‌ରେ ବେଶି ସମୟ ରହି ନପାରି ଉଠି ଆସିଲି ବାରଣ୍ଡା ଉପରକୁ । ଏତେ ରାତ୍ରିରେ କାହାକୁ ଡିଷ୍ଟାର୍ବ କରିବା

ଅଭିଳାଷ ମୋର ନଥିଲା । କାରଣ ଯେତେ ବିପଦରେ ପଡ଼ିଲେବି ସନ୍ତୋଷଜନକ ଉତ୍ତର ନ ପାଇଲେ, ସଠିକ୍ ପରିଚୟ ନ ପାଇଲେ ଆଜିକାଲି ଯୁଗରେ କେହି କାହାକୁ ଆଶ୍ରା ଦିଅନ୍ତି ନାହିଁ । ବାରଣ୍ଡା ଉପରେ କିଛି ସମୟ ଠିଆହୋଇ ସେମାନେ ଚାଲିଗଲା ପରେ ମୁଁ ହୁଏତ ବିପରୀତ ଦିଗରେ ଫେରି ଯାଇଥାନ୍ତି । ହଠାତ୍ ଦୃଷ୍ଟି ପଡ଼ିଲା, ଦ୍ୱାର ଦେଶରେ ମରାହୋଇଥିବା ନେମ୍ ପ୍ଲେଟ୍ ଉପରେ । ସିଧାସଳଖ ପରିଚୟ ନଥିଲେ ବି ଆଗରୁ କହିଛି ମୁଁ ଆପଣଙ୍କର ଜଣେ ପ୍ରଶଂସକ । ଅନେକ ଥର ଆପଣଙ୍କ ଅଭିନୟ ଦେଖିଛି । ଆତ୍ମତୃପ୍ତି ଲାଭ କରିଛି । କାହିଁକି କେଜାଣି ମନ ଭିତରେ ହଠାତ୍ ଏକ ବିଶ୍ୱାସ ଆସିଲା...

: ତୁମ ବିଶ୍ୱାସକୁ ମୁଁ ଆଦର କରିଛି । ଏଣୁ ସେହି ବିଶ୍ୱାସରେ ତୁମେ ତୁମ ଜୀବନର ସମସ୍ତ ଅଶ୍ଳୀଳ ଅତୀତ ମତେ କହିଚାଲ; କ'ଣ ତୁମ ନାଁ ଟା ?

: ମୋ ନାଁ ସୁନିତା । ଆପଣ କେବଳ ନିତା ବୋଲି ଡାକି ପାରନ୍ତି...

: ବେଶ୍ ସୁନ୍ଦର ନାଁଟିଏ । ବିଶ୍ୱାସକର ନିତା, ତୁମ୍ଭ କାହାଣୀ ସଦାସର୍ବଦା ମୋ ଭିତରେ ସୀମିତ ରହିବ...

: ସେ ବିଶ୍ୱାସ ମୋର ଅଛି ବିଜୟବାବୁ । କିନ୍ତୁ ଆପଣ ମୋ କାହାଣୀ ଶୁଣି ଲାଭ ପାଇବେ କ'ଣ ? ବରଂ ଆମର ପରିଚୟ ଆଜିର ଏ ସମ୍ପର୍କ କେବଳ 'ନାଁ' ଟିକକ ଭିତରେ ସୀମାବଦ୍ଧ ହୋଇ ରହିଯାଉ ।

: ନା...ନିତା...ନା...

: ଯାହା ସତ୍ୟ, ତାକୁ କେହି ଚାହିଁଲେବି ଅସ୍ୱୀକାର କରିପାରିବେ ନାହିଁ ବିଜୟ ବାବୁ ! ହୁଏତ ସକାଳ ହେଲେ ଆମେ ଅଲଗା ହୋଇଯିବା । ଯେମିତି ଗୋଟାଏ ସ୍ୱପ୍ନ, ଗୋଟିଏ ଖ୍ୱାବ । ଇଚ୍ଛା କଲେବି ଆମର ସାକ୍ଷାତ ଆଉ ହୋଇ ନପାରେ । ସେଇଥିପାଇଁ କହୁଛି, ଆଉ କେତେ ଘଣ୍ଟାର ସମୟକୁ ଏମିତି ବାଜେ କଥାରେ କଟାଇ ନଦେଇ ବରଂ ପରସ୍ପରକୁ ମନେରଖିବା ପାଇଁ ଆମେ କିଛି ଉପାଦନାନ ବାଛି ନେବା ବିଜୟବାବୁ । ଏହି କେତେଘଣ୍ଟାର ମଧୁର ସ୍ମୃତି ମୋ ଜୀବନର ସର୍ବଶ୍ରେଷ୍ଠ ସ୍ମାରକୀ ହୋଇ ରହିବ । ଆଉ ଆପଣ

Digitized by :-
Deb's Library Corner...

ଭାବିନେବେ, ଆପଣଙ୍କ କଳିଙ୍ଗ ରଙ୍ଗମଞ୍ଚର ଅନେକ ଅଭିନୟ ରଜନୀ ଭିତରୁ ଆଜିକି ଗୋଟାଏ ରଜନୀ, ଆଉ ଆପଣଙ୍କ ଜୀବନରେ ଅନେକ ମଞ୍ଚ ନାୟିକା ମଧ୍ୟରୁ ମୁଁ ମଧ୍ୟ ଜଣେ ନାୟିକା । କିନ୍ତୁ !!

ତଫାତ ଏତିକି, ଆଜିର ରଜନୀରେ ଏକମାତ୍ର ଜୀବନ୍ତ ଦର୍ଶକ ସ୍ୱୟଂ ଭଗବାନ, ଆଉ ଗୁଡ଼ାଏ ଜଡ଼ ପଦାର୍ଥ, ଏଇ କାନ୍ଥବାଡ଼, ଚେୟାର ଟେବୁଲ...ରାତ୍ରୀର ଅଗଣିତ ତାରକା...ମେଘ ବିଜୁଳି...ଇତ୍ୟାଦି...

ମୁଁ ନୀରବରେ ଚିନ୍ତା କରୁଥିଲି...

ସୁନିତା ତା ବକ୍ତବ୍ୟ ସାରିବା ମାତ୍ରେ କହିଲି : ନିତା, କିନ୍ତୁ ମୋ ମନର ଭାବନା ଠିକ୍ ଓଲଟା । ଜାଣେନା ତୁମେ ସତ କହୁଛ ଅଥବା ଅଭିନୟ କରୁଛ । ଯାହାବି କରୁଥାଅ, ଆଜିର ଏ ରାତ୍ରି ମୋ ଜୀବନରେ ଏକ ଅବିସ୍ମରଣୀୟ ରାତ୍ରୀ ହୋଇ ରହିଯିବ । ମୋ ଜୀବନର ଏତେ ବାସ୍ତବ ଘଟଣା କେବେ ଘଟି ନଥିଲା । ମୁଁ ଏକ କଳାକାର । ଅନେକ ଯୁବତୀଙ୍କ ସହିତ ମୋର ସମ୍ପର୍କ ରହିବା ସ୍ୱାଭାବିକ । କିନ୍ତୁ ସେ ସମ୍ପର୍କ ପେଷାଗତ, ବ୍ୟବସାୟିକ । ତୁମ ସହିତ ମୋର ପରିଚୟ

ଭିତରେ କୌଣସି ସ୍ୱାଭାବିକ ଘଟଣା ନାହିଁ । ସୁନିତା, ଏହା ଏକ ସଂଯୋଗ...ଏକ.....ଅଲୌକିକ । ପୃଥିବୀର ପ୍ରତ୍ୟେକ ସଂଯୋଗ ପଛରେ ସ୍ରଷ୍ଟାଙ୍କର କିଛି ଉଦ୍ଦେଶ୍ୟ ଥାଏ । ବିନା ଉଦ୍ଦେଶ୍ୟରେ ସେ କାହାକୁ କାହା ସହିତ ସଂଯୋଗ ମାଧ୍ୟମରେ ମିଳିତ କରନ୍ତି ନାହିଁ । ତୁମେ ଯାହାବି ହୋଇଥାଅ, ଯେଉଁଭଳି କର୍ମ କରୁଥାଅନା କାହିଁକି ସେଥିରେ ମୋର ଘୃଣା ନାହିଁ, ଆପତ୍ତି ନାହିଁ, ଆଗ୍ରହ ବି ନାହିଁ । ମୋର ଆଗ୍ରହ ଆଜିର ଏ ସଂଯୋଗ ଉପରେ । ତୁମକୁ ଦେଖିଲା ପରଠାରୁ ମୋ ମନ କହୁଛି, ତୁମେ ଏ ସମାଜ ଉପରେ ଅଭିମାନ କରି ନିଜକୁ...ଯନ୍ତ୍ରଣା ଦେଉଛ, ନିଜ ଉପରେ ପ୍ରତିଶୋଧ ନେଉଛ । କିନ୍ତୁ ଏ ସମାଜରେ ଏବେବି ଜଣେ ଅଧେ ଭଲ ମଣିଷ ଅଛନ୍ତି ତା' ନହେଲେ ଏ ସମାଜ ଧ୍ୱଂସ ହୋଇଯାଆନ୍ତା...ରସାତଳକୁ ଚାଲିଯାଆନ୍ତା...

ସୁନିତା ଅବିଶ୍ୱାସ ନେତ୍ରରେ ଚାହିଁଲା...

ମୁଁ ତା' ମନରେ ଭରସା ଭରି ଦେବା ପାଇଁ ଚାହୁଁଥିଲି । ପୁଣି କହିଲି–

: କଳାକାରମାନଙ୍କୁ ସମସ୍ତେ ଭଲ ପାଆନ୍ତି । କିନ୍ତୁ ଭରସା କରିପାରନ୍ତି ନାହିଁ । ହେଲେ ତୁମେ ମତେ ଭରସା କରିପାର । ମୁଁ ତୁମ ସହିତ ଅଭିନୟ କରୁନାହିଁ । ଏ ସମାଜକୁ ଯେଉଁ କାରଣ ପାଇଁ ତୁମେ ଘୃଣା କରୁଛ, ସେ କାରଣକୁ ମୁଁ ବଦଳାଇ ଦେବି, ଯାହା ତୁମଠାରୁ ଏ ସମାଜ ଅପହରଣ କରିନେଇ ଯାଇଛି, ମୁଁ ପୁଣି ତାହା ଫେରାଇ ଆଣିବି ସୁନିତା...

ସୁନିତା କାହାଣୀ ଶୁଣିଲା ଭଳି ଆଖି ଡୋଳା ସ୍ଥିର କରି ମତେ ଚାହିଁଥିଲା ହଠାତ୍ କହିଲା...

: ଏଇଟା କ'ଣ ଆପଣଙ୍କ ଅନ୍ତରର କଥା ?

: ବିଶ୍ୱାସ କର...

: ଖାଲି ବିଶ୍ୱାସ ନୁହେଁ...ନିର୍ଭର ପ୍ରତିଶ୍ରୁତି...

: ଜୀବନରେ ଅନେକ ପରୀକ୍ଷାର ସମ୍ମୁଖୀନ ହୋଇଛି । ଆଜିର ଏ ପରୀକ୍ଷା ପାଇଁ ମୁଁ ପ୍ରସ୍ତୁତ ଅଛି ନିତା...

: ନିଜ ଉପରେ ଆପଣଙ୍କର ଏତେବଡ଼ ବିଶ୍ୱାସ... ?

: ଆତ୍ମ ବିଶ୍ୱାସ ହିଁ ଗୋଟାଏ କଳାକାରର ସର୍ବଶ୍ରେଷ୍ଠ ସମ୍ପତ୍ତି...

: ତଥାପି ଓଭର କନ୍‌ଫିଡେନ୍‌ସ ବେଳେବେଳେ ମଣିଷକୁ ଅସୁବିଧାରେ ପକାଇଥାଏ । ପୁରାଣ ଶୁଣି ନାହାନ୍ତି ? ଦ୍ରୁପଦ ରାଜା ନିଜେ ତାଙ୍କ ବାଲ୍ୟବନ୍ଧୁ ଦ୍ରୋଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଶୁଣିନାହାନ୍ତି ମହାଦାନୀ ବଳି ରାଜାଙ୍କ କଥା...ଦୁଷ୍ମନ୍ତ ଶକୁନ୍ତଳାଙ୍କ ଉପାଖ୍ୟାନ... ? ଆପଣଙ୍କ ଆତ୍ମା କ'ଣ ସେମାନଙ୍କ ଠାରୁ ମହାନ ?

ସୁନିତାର ରୋକ୍-ଠୋକ୍ କଥା ମତେ ଆଘାତ ଦେଲା... ।

: ମତେ ପରିହାସ କରୁଛ ?

: ନା କୌଣସି ଦେବଦାସୀ ତା ଦେବତାକୁ ପରିହାସ କରେ ନାହିଁ । ଆପଣଙ୍କ ଦେବତୁଲ୍ୟ ବିଜୟବାବୁ । ମୁଁ ଦାସୀଠାରୁ ମଧ୍ୟ ନଗନ୍ୟା । କିନ୍ତୁ ଯାହା ସତ୍ୟ, ତାକୁ ପ୍ରକାଶ କରିବାରେ ମୋର ତିଳେ ମାତ୍ର ଦ୍ୱିଧା ନାହିଁ । ମୋ ଭଳି ଏକ ସାଧାରଣ ଗନ୍ଧହୀନ

ପୁଷ୍ପ ଦେବତାର ପୂଜା ଅର୍ଚ୍ଚନାରେ ଲାଗି ପାରେନା । ଇଚ୍ଛାଥିଲେ ବି ମୁଁ ଆପଣଙ୍କର ଶୋଭା ମଣ୍ଡନ କରିପାରିବି ନାହିଁ । ଆପଣ ମତେ ପାଖରେ ରଖିବାର ଧୃଷ୍ଟତା କରିପାରିବେ ନାହିଁ । ଏ ସମାଜ ଆପଣଙ୍କୁ ସେ ସୁଯୋଗ ପ୍ରଦାନ କରିବ ନାହିଁ ।

ବାସ୍ତବିକ ମୁଁ ସୁନିତାକୁ ପାଇବାକୁ ମନ ଭିତରେ ସମସ୍ତ ପରିକଳ୍ପନା କରିସାରିଥିଲି ।

ପ୍ରକୃତରେ ସେ ଥିଲା - ମୋ ପ୍ରଫେସନ ପାଇଁ ଏକ ସୁନା ଅଣ୍ଡାଦିଆ କୁକୁଡ଼ା । ଏଣୁ କୌଣସି ଆଗପଛ ବିଚାର ନକରି ପୂର୍ବପରି ଗଳାର ଭାରସାମ୍ୟ ରଖି ଶାନ୍ତ ଅଥଚ ଓଜନଭରା ଗଳାରେ କହିଲି...

: ସୁନିତା, ମୁଁ ଏକ ନିଛକ କଳାକାର । ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହିତ ଡିଗ୍ରୀ ହାସଲ କରିଥିଲେ ସୁଦ୍ଧା, ମୋର କଳାପ୍ରିୟ ଆତ୍ମା ମତେ ଥିଏଟର ଭିତରକୁ ଟାଣିନେଲା । ଜୀବନର-ଅନ୍ତିମ ସମୟ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ମୁଁ କଳା ସାଧନା କରି ଚାଲିଥିବି । ଏ ସମାଜ, ଏ ଜାତି ସହିତ ମୋର କୌଣସି

ସମ୍ପର୍କ ନାହିଁ । ଜାତିଗତ ଭେଦଭାବକୁ ମୁଁ ଘୃଣା କରେ, ଆଉ ଏକଥା ମଧ୍ୟ ଜାଣିରଖ ଯିଏ ପ୍ରକୃତ କଳାକାର, ସେ ସଂସାରର କୌଣସି ବସ୍ତୁକୁ ଅପବିତ୍ର ବୋଲି ଭାବେ ନାହିଁ । ତା'ପାଇଁ ସବୁକିଛି ସୁନ୍ଦର, ସବୁକିଛି ପବିତ୍ର । ତୁମେ ଯାହା ବି ହୋଇ ଥାଅନା, ଯେଉଁ ଜାତିର...ଯେଉଁ ଧର୍ମର ହୋଇଥାଅ, ତୁମେ ଯଦି ଅତୀତକୁ ସଂପୂର୍ଣ୍ଣ ପରିତ୍ୟାଗ କରି ମୋ ପାଖକୁ ଆସ, ମୁଁ ତୁମକୁ ଗ୍ରହଣ କରିବି । ଖାଲି ସେତିକି ନୁହେଁ, ତୁମ ମଥାର ସମସ୍ତ କଳଙ୍କ ଧୌତ କରି ମୁଁ ତୁମକୁ ସାମାଜିକ ପ୍ରତିଷ୍ଠା ଦେବି, ଏକ ନୂତନ ଆସନରେ ଅଧିଷ୍ଠିତ କରାଇବି ।

ସୁନିତା ପଲଙ୍କ ଉପରେ ଉଠି ବସିଲା । ତା'ର ଗୋଲ ଗୋଲ ଚକ୍ଷୁ ଦୁଇଟିରେ ମୁକ୍ତାପରି ଅଶ୍ରୁ ବିନ୍ଦୁ ଢଳ ଢଳ ହେଉଥିଲା । ସେ ଅଶ୍ରୁକୁ ହାତ ପାପୁଲିରେ ପୋଛିଦେଇ ଫିକା କଣ୍ଠରେ ସେ ପଚାରିଲା –

: ବିଜୟ ବାବୁ । ଆପଣଙ୍କ ଭଳି ପ୍ରତିଭାବାନ୍ ଯୁବକ ପାଇଁ ଶହ ଶହ ଯୁବତୀ ଜାଗର ଜାଳି ବସିଛନ୍ତି । ମୋ ଭଳି ଏକ ନଷ୍ଟ ଉର୍ବଶୀକୁ ଏତେ ଗୁଡ଼ାଏ ସମ୍ମାନ

ଦେଇ ଆପଣ ପାଇବେ କ'ଣ ? ଆପଣଙ୍କ ଅନ୍ତରର ପ୍ରକୃତ ଅଭିଳାଷ ଜଣାଇବାରେ ଦ୍ୱିଧା କରନ୍ତୁ ନାହିଁ ବିଜୟବାବୁ... ।

: ତୁମେ ନିରାଟ ସତ୍ୟ ପ୍ରକାଶ କରିଛ ନିତା । ତୁମକୁ ପାଇବା ପଛରେ ମୋର ଉଦ୍ଦେଶ୍ୟ ନିଶ୍ଚୟ ଅଛି । ମୁଁ ତୁମକୁ କେବଳ ମୋର ସହଧର୍ମିଣୀ ନୁହେଁ, ସହକର୍ମିଣୀ ଭାବରେ ମଧ୍ୟ ଚାହେଁ । ତୁମେ ଶିକ୍ଷିତା, ତୁମ ନିକଟରେ ଅଭିନୟ କଳା ଅଛି । ତୁମକୁ ନେଇ ନାଟକ ଜଗତରେ ମୁଁ ଏକ ନୂତନ ଦିଗ୍‌ଦର୍ଶନ ସୃଷ୍ଟି କରିବାକୁ ଚାହେଁ । ତୁମର ପ୍ରେରଣା, ଉତ୍ସାହ ପାଇଲେ ନାଟକ ଜଗତରୁ ମୁଁ ସିନେମା ଜଗତକୁ ଚାଲିଯିବି । ଆମେ ଦୁହେଁ ଏକାଠି ହୋଇପାରିଲେ ଅନେକ କିଛି ନୂତନ ସୃଷ୍ଟି ହୋଇପାରିବ ନିତା । ଆଉ ସେଇ ସୃଷ୍ଟି ଭିତରେ ଆମର ଅତୀତ ଲୁପ୍ତ ହୋଇଯିବ, କିଏ...କ'ଣ ଥିଲେ...ତାହା ଏ ସମାଜ ଭୁଲିଯିବ । ଆମର ପ୍ରତିଭା, ଆମର ସୃଷ୍ଟି କେବଳ ଜୀବନ୍ତ ହୋଇ ରହିବ ସେମାନଙ୍କ ପାଖରେ... ।

ସୁନିତା କିଛି ଚିନ୍ତା କରୁଥିଲା । ମୁଁ ଅପେକ୍ଷା କଲି । ଅଳ୍ପ ସମୟ ପରେ ପୁଣି ତା' ଧ୍ୟାନ ଭଙ୍ଗ କଲି...

: ନିତା ।

: ହୁଁ...

: କିଛି ଉତ୍ତର ଦେଲ ନାହିଁ ଯେ ।

ସେ କେବଳ ହସିଲା । ଆତ୍ମତୃପ୍ତିର ହସ... ନିର୍ଲିପ୍ତ ହସ... ସେ ହସରେ ତା'ର ଭରି ରହିଥିଲା ଅନେକ ଶାନ୍ତି । ...ଅନେକ ତୃପ୍ତି... ।

ହାତ ଦୁଇଟିକୁ ଉପରକୁ ଟେକି ଅଳସ ଭାଙ୍ଗି କହିଲା : ଖୁବ୍ ସକାଳୁ ମୁଁ ଯାଉନାହିଁ... ବୁଝିଲେତ ? ତେବେ ଏତେ ବ୍ୟସ୍ତ କାହିଁକି ? ମତେ ଆଉ କିଛି ସମୟ ଚିନ୍ତା କରିବାକୁ ସୁଯୋଗ ଦିଅ । ତୁମେ ପୁରୁଷ, ଏଣୁ କୌଣସି ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ତୁମକୁ ସମୟ ଲାଗି ନପାରେ...କିନ୍ତୁ ମୁଁ ନାରୀ...ମୋ ଜୀବନର ଧାରା ବଦଳାଇବା ପୂର୍ବରୁ...ଭଲଭାବରେ ବିଶ୍ଳେଷଣ କରିନେବା ମୋର କର୍ତ୍ତବ୍ୟ...

ତକିଆକୁ ଠିକ୍‌ଭାବେ ସଜାଡ଼ି ନେଇ ପଲଙ୍କ ଉପରେ ଠିକ୍ ମୋ ପାଖରେ ଲମ୍ବ ହୋଇ ପଡ଼ିଗଲା ସୁନିତା । ଦୁଇ ହାତରେ ଆଖି ମଳିମଳି କହିଲା ମତେ

ଖୁବ୍ କ୍ଲାନ୍ତ ଲାଗିଲାଣି । ମୁଁ ଟିକିଏ ବିଶ୍ରାମ ନେବି...ଆଉ ତା'ଭିତରେ ତୁମ କଥା ମଧ୍ୟ ଚିନ୍ତା କରିବି...

ମୁଁ ତାକୁ ଭଲଭାବେ ଶୋଇବାକୁ ସୁଯୋଗ ଦେବାପାଇଁ ପଲଙ୍କ ଉପରୁ ଉଠି ଆସୁଥିଲି...

ସୁନିତା ମୋ ହାତକୁ ଟାଣି ଧରିଲା ।

: ଆରେ । ଯାଉଛ କେଉଁ ଆଡ଼େ ?

: ମୋର ମଧ୍ୟ ବିଶ୍ରାମ ଦରକାର...

: ଭଲ କଥା, ଏଇ ପଲଙ୍କଟା ଆମ ଦୁଇଜଣଙ୍କ ପାଇଁ କ'ଣ ଯଥେଷ୍ଟ ନୁହେଁ...

: ନା ନିତା ! ତା' କେମିତି ସମ୍ଭବ ହେବ ? ଆମେ ଏ ପର୍ଯ୍ୟନ୍ତ ପରସ୍ପରକୁ ଭଲଭାବେ ବୁଝିପାରିଥିଲେ ବି ଆତ୍ମାର ମିଳନ ଘଟିନାହିଁ । ସମାଜରେ ସ୍ୱୀକୃତି ପାଇଲା ଭଳି ସମ୍ପର୍କ ଏପର୍ଯ୍ୟନ୍ତ ଆମର ହୋଇନି । ଆକସ୍ମିକ ଦେଖାରେ କେଇ ଘଣ୍ଟାର ପରିଚୟ ଭିତରେ ଗୋଟିଏ ବିଛଣାରେ ଶୋଇବା କ'ଣ କେବେ ସମ୍ଭବ ?

: ତୁମେ କ'ଣ ମୋ ପାଖରେ ଶୋଇବାକୁ ଘୃଣା କରୁଛ ?

: ନା, ଘୃଣା କରୁନି, ନିଜକୁ ସଙ୍କୋଚ ମନେ କରୁଛି । କାରଣ ତୁମର ଅସୁବିଧା ହୋଇପାରେ । ବରଂ ମୁଁ ସୋଫାରେ ଶୋଇଯିବି...

ସୁନିତା ହସିଲା...

: ମୁଁ ଆପଣରୁ ତୁମେକୁ ଖସି ଆସିଲାବେଳେ, ତୁମେ ପଲଙ୍କରୁ ସୋଫାକୁ ଚାଲିଯାଇ ଆମ ଭିତରେ ଆଉ ଦୂରତ୍ୱ ସୃଷ୍ଟି କରୁଛ କାହିଁକି ? ମତେ ଆଉଟିକେ ଭଲ ଭାବରେ ଚିହ୍ନିବାକୁ ଚେଷ୍ଟାକର । ମୋ ହୃଦୟକୁ ଆଉଥରେ ଭଲକରି ପରଖିବାକୁ ଚେଷ୍ଟାକର । ହୁଏତ ପଛରେ କେବେ ଅନୁତାପ କରିପାର...

ମୁଁ ତାର ମନର ଆବେଗକୁ ବୁଝିପାରୁଥିଲି । ହୃଦୟଙ୍ଗମ କରିପାରୁଥିଲି ଅନ୍ତରର କଥା ଆଉ ଆଖିର ଇସାରା...

କୌଣସି ସଙ୍କୋଚ ନରଖି ପଲଙ୍କ ଉପରେ ବସି ତା' ପାଖରେ ଶୋଇବି କି ନାହିଁ ଚିନ୍ତା କଲାବେଳେ ସେ ପୁଣି କହି ଉଠିଲା...

Digitized by :-
Deb's Library Corner...

: ଆରେ, କ'ଣ ଭାବୁଛ ?

: ନା, କିଛି ନୁହେଁ...କହି ପଲଙ୍କ ଉପରେ ଲମ୍ବ ହୋଇ ପଡ଼ିଗଲି । ସେ ମୋତେ ଛୋଟ ପିଲାଟିଏ ପରି ଠେଲି ଦେଇ କହିଲା–

: ଆରେ, ଆରେ... ପ୍ରଥମେ ଆଲୁଅଟା ଲିଭାଇ ଦିଅ । ତୁମକୁ ପରିଷ୍କାର ଭାବରେ ଚିହ୍ନି ସାରିଲା ପରେ ଆଲୋକର ଆଉ କ'ଣ ଆବଶ୍ୟକତା ଅଛି ?

ମୁଁ ଆଲୋକ ଲିଭାଇ ପୁନଶ୍ଚ ତା' ପାଖକୁ ଆସିଲି ।

ରାତ୍ରି ପାହିବାକୁ ଆଉ ମାତ୍ର ଅଳ୍ପ କିଛି ସମୟ ବାକି ରହିଯାଇଥିଲା । ଆଖିକୁ ମୋର ନିଦ ନଆସିଲେ ବି ଆଖି ବୁଜି ଶୋଇବାର ଛଳନା କରି ଚୁପ୍‌ଚାପ୍ ପଡ଼ିଗଲି ପଲଙ୍କ ଉପରେ ।

ହଠାତ୍ ନିତା କହି ଉଠିଲା...

: ଶୋଇଗଲ... ?

କୌଣସି ଉତ୍ତର ଦେଲି ନାହିଁ ।

: ଆରେ, ଏତେ ଶୀଘ୍ର ଶୋଇଗଲ... ?

ଜାଣି ଜାଣି ପୁଣି ନୀରବ ରହିଲି ।

ସୁନିତା ମୋ ମୁହଁକୁ ତା' ଆଡ଼କୁ ବୁଲେଇ ନେଇ ପଚାରିଲା –

: କ'ଣ ପୁରା ନିଦ ହୋଇଗଲା... ?

: ନା...

: କ'ଣ ଭାବୁଛ ? ସୁନିତା ଭଲ ଭାବରେ କଡ଼ ଲେଉଟାଇଲା ।

: ଭାବିବାକୁ କିଛି ନାହିଁ । ମୁଁ କେବଳ ଜାଣି ଶୁଣି ଅପେକ୍ଷା କରିଛି ।

: କାହାକୁ ?

: ତୁମ ମତାମତକୁ । ମତେ ତୁମେ କିଛି ସମୟ ମାଗିଥିଲ ନା ?

ସୁନିତା ନୀରବ ରହିଲା ।

ମୁଁ ତା' ମୁହଁର ଭାବଭଙ୍ଗୀ ଦେଖିପାରୁ ନଥିଲି । ବେଡ୍ ଲାଇଟ୍ ଜାଳିବା ପାଇଁ ମଧ୍ୟ ଭୁଲିଯାଇଥିଲି ।

ରୁମ୍ ଭିତରଟା ଏକଦମ ଅନ୍ଧାର । କିନ୍ତୁ ସେହି ଅନ୍ଧାର ଭିତରେ ମୁଁ ଅନୁଭବ କରିପାରୁଥିଲି ସୁନିତାର ଉତପ୍ତ ନିଶ୍ୱାସ ।

ସେ ସିଲ୍‌କିନ୍ ଶାଢ଼ୀ ପିନ୍ଧିଥିଲା । ତା'ହାତର ଚୁଡ଼ିଗୁଡ଼ାକ ଝଣଝଣ ଶବ୍ଦ କରୁଥିଲେ । ତା' ଦେହର ବାସ୍ନା ଅତି ମଧୁର ଥିଲା ।

ଆଉ ଟିକିଏ ପାଖକୁ ଲାଗି ଆସିଲା ସୁନିତା... ମୁଁ ତା ଦେହର ସଂପୂର୍ଣ୍ଣ ସ୍ପର୍ଶ ଅନୁଭବ କରିପାରିଲି । ହଠାତ୍ ମୋ ଶ୍ୱାସକ୍ରିୟା ଖର ହୋଇ ଉଠିଲା ।

ନିଜ ଅଜାଣତରେ ମୋର ଗୋଟିଏ ହାତ ଆପେ ଆପେ ଚାଲିଗଲା ତା' କଟି ଦେଶକୁ ।

ସେ ମୋ ଛାତିରେ ଗାର ଟାଣିବାକୁ ଲାଗିଲା...

ତା' ମତାମତ ଶୁଣିବା ପର୍ଯ୍ୟନ୍ତ ମୋର ଧୈର୍ଯ୍ୟ ରହିବ ନାହିଁ ବୋଲି ମୁଁ ଅନୁମାନ କରୁଥିଲି... । କଣ୍ଠରେ ସମସ୍ତ ସ୍ନେହ ଭରି ଦେଇ ଡାକିଲି...

: ନିତା ।

: ...ଉଁ

: ଏ ସମାଜ ଉପରେ ତୁମର ଆଉ କ'ଣ ଲୋଭ ଅଛି ?

ସୁନିତା ଖୁବ୍ ଯୋରରେ ମୋତେ ଜାବୁଡ଼ି ଧରିଲା...

: ନା...ନା...ସେମିତି କୁହ ନାହିଁ । ମୁଁ ଚାହୁଁଥିଲି ଏ ସମାଜ ଉପରୁ ପ୍ରତିଶୋଧ ନେବାପାଇଁ । ସମ୍ପର୍କ ରଖିବାକୁ ନୁହେଁ । କାହିଁକି ଜାଣିଛ ବିଜୟ ? ମୋର ବାପା ମା' ମରିଯିବା ପରେ ନିଜ ଗୋଡ଼ରେ ଠିଆହେବା ପାଇଁ ମୁଁ ଅନେକ ସଂଗ୍ରାମ କରିଥିଲି । କିନ୍ତୁ ଏ ସମାଜ ମତେ ସେ ସୁଯୋଗ ଦେଲାନାହିଁ । ଯେଉଁମାନଙ୍କୁ ବିଶ୍ୱାସ କରି ଆଗେଇ ଆସିଲି, ସେମାନେ ମୋତେ ଖେଳନା ଭଳି ଖେଳେଇ ଖେଳେଇ ରାସ୍ତା ଉପରକୁ ଫିଙ୍ଗି ଦେଲେ । ଶେଷରେ ଏଭଳି ଅବସ୍ଥା ମୋର ଆସିଲା, ଆତ୍ମହତ୍ୟା ଛଡ଼ା ଅନ୍ୟ ପନ୍ଥା ନଥିଲା । କିନ୍ତୁ କାହିଁକି କେଜାଣି ମୋ ବିବେକ ମୋତେ ବାଧା ଦେଲା । ଅଭିମାନ କରି ନିଜ ଜୀବନକୁ ନିଜେ ନଷ୍ଟ କରିଦେଲେ ଲାଭ କ'ଣ ? କିଏ ମୂଲ୍ୟ ଦେବ ମୋ ଆତ୍ମତ୍ୟାଗର ?

ମରିବାଟା ଯଦି ସୁନିଶ୍ଚିତ, ତା'ପୂର୍ବରୁ ଏ ସମାଜ ନିକଟରୁ ମୋର ପ୍ରାପ୍ୟ କିଛିଟା ହେଲେ ହାସଲ କରିନେବା ଉଚିତ୍ ହେବ...

: ତୁମେ କ'ଣ ତା' କରିପାରିଲ.. ?

: କିଛିଟା କରିପାରିଛି । ପ୍ରାୟ ଏକ ତୃତୀୟାଂଶ କାର୍ଯ୍ୟ ହାସଲ କରି ଅବଶିଷ୍ଟ ଲକ୍ଷ୍ୟ ପଥରେ ଆଗେଇ ଯାଉଥିବା ବେଳେ ତୁମ ସହିତ ମୋର ସାକ୍ଷାତ ହେଲା... । ଆଉ ମାତ୍ର ଗୋଟିଏ ଶିକାର ମୋର ବାକି ରହିଯାଇଛି ବିଜୟ...

: ସେମାନଙ୍କ ଉପରେ ତୁମେ କିଭଳି ପ୍ରତିଶୋଧ ନେଇଛ, ମତେ ବିସ୍ତାର ଭାବେ କହିବ ନିତା ? ସେସବୁ ଶୁଣିବା ପାଇଁ ମୋର ପ୍ରବଳ ଇଚ୍ଛା ହେଉଛି ।

: ସେ ସବୁ ଶୁଣି ସାରିଲା ପରେ ମତେ ଘୃଣା କରିବ ନାହିଁତ... ?

: ନା, ଆଦୌ ନୁହେଁ...

: ତାହା ଅତି ଭୟଙ୍କର କାହାଣୀ, ଯାହା ତୁମେ କେବେ ବି କଳ୍ପନା କରିନଥିବ... । ଚମ୍ପଲ ରାଣୀ

ପୁତଳୀ ବାଈ, ଫୁଲନ ଦେବୀ, କୁସୁମୀ...ଏମାନଙ୍କ କାହାଣୀ ଶୁଣିଛ... ?

: ଖାଲି ଶୁଣି ନାହିଁ, ସେମାନଙ୍କ ଚରିତ୍ରକୁ ନେଇ ମୁଁ ନାଟକ ସର୍ଜନା କରିଛି ।

: ସେହିଭଳି ଏକ ଜୀବନ୍ତ ନାଟକର ସତ୍ୟ କାହାଣୀ କହୁଛି, ଶୁଣ...ବିଜୟ...

●

କଟକର ନନ୍ଦି ସାହିରେ ମୋର ଘର ।

ବାପା ରାଜୀବ ଦାସ, ମା' ମଧୁମତୀ ଦେବୀ ଓ ଗୋଟିଏ ଛୋଟ ଭାଇକୁ ନେଇ ଆମ ସଂସାର ।

ସେଠ ମଦନ ଲାଲଙ୍କ ଲୁଗାଦୋକାନ ପାଖକୁ ଲାଗି ଆମର କିଛି ଜମି ଥିଲା ।

ବାପା ମଧ ମଦନ ଲାଲଙ୍କ ଦୋକାନରେ ସେଲସ୍‌ମ୍ୟାନ ହିସାବରେ କାମ କରନ୍ତି ।

ମେଟ୍ରିକ୍ ପରେ ମୁଁ ଶୈଳବାଳା ମହିଳା କଲେଜରେ +୨ ବିଜ୍ଞାନରେ ଆଡ୍‌ମିସନ୍ ନେଇ ପଢ଼ିବାକୁ ଗଲି ।

ବାପାଙ୍କ ସ୍ୱଳ୍ପ ରୋଜଗାରରେ ଆମ ପରିବାର ଚଳିବା ସାଙ୍ଗକୁ ମୋ ପଢ଼ାଖର୍ଚ୍ଚ ପାଇଁ ବାପା ଠିକ୍ ସମୟରେ ପଇସା ଯୋଗାଇ ପାରନ୍ତି ନାହିଁ । ସେହି ଦୃଷ୍ଟିରୁ ମୁଁ ସିଲେଇ ଶିକ୍ଷା କରି ପାଠପଢ଼ା ଭିତରେ ସମୟ ବାହାର କରି ଗୋଟିଏ ସିଲେଇ ମେସିନ୍ କିଣି ଘରେ ସିଲେଇ କଲି ।

ମଦନଲାଲଙ୍କ ଦୋକାନରୁ ବାପାଙ୍କ ଦ୍ୱାରା କପଡ଼ ଆଣି ସାୟା, ବ୍ଲାଉଜ୍ ଇତ୍ୟାଦି ତିଆରି କରି ହୋଲ୍‌ସେଲ୍ ଦୋକାନକୁ ଦେଇ, ସେଥିରୁ ଯାହାକିଛି ପଇସା ମିଳେ ସେଥିରେ ମୋର ଡ୍ରେସପତ୍ର ଓ ପଢ଼ାଖର୍ଚ୍ଚ ସାଙ୍ଗକୁ ମଝିରେ ମଝିରେ ଘରଖର୍ଚ୍ଚ ପାଇଁ ମଧ୍ୟ କିଛି ସାହାଯ୍ୟ କରିଥାଏ ।

ହଠାତ୍ ଦିନେ ବାପା ଅସୁସ୍ଥବଶତଃ ଦୋକାନ ଯାଇ ପାରିଲେ ନାହିଁ ।

ସେଦିନ ମଧ୍ୟ ମୁଁ କଲେଜ ଯାଇ ନଥାଏ ।

ଦିନ ଏଗାରଟା ବେଳକୁ ମଦନ ଲାଲଙ୍କ ପୁଅ ଶୋଭନ ଲାଲ ବାପାଙ୍କୁ ଡାକିବା ପାଇଁ ଆମ ଘରକୁ ଆସିଲା ।

ବାହାରୁ ଦରଜାରେ ଠକ୍ ଠକ୍ ଆବଜ ଶୁଣି ମୁଁ ଯାଇ ଦ୍ୱାର ଖୋଲି ଦେଖେତ ଶୋଭନ ଛିଡ଼ା ହୋଇଛି ଦ୍ୱାର ଦେଶରେ । ଅପ୍ରତ୍ୟାଶିତ ଭାବେ ତାକୁ ଦେଖି ହଠାତ୍ କାହିଁକି ମୁଁ ହଡ଼ବଡ଼େଇ ଯାଇ କହି ଉଠିଲି : କାହାକୁ ଖୋଜୁଛନ୍ତି ?

: ରାଜୀବ ବାବୁ ଘରେ ଅଛନ୍ତି ?

: ଆପଣ କୋଉଠୁ ଆସିଥିଲେ ? ମୋର ଓଲଟା ପ୍ରଶ୍ନ । କାରଣ ମୁଁ ତାଙ୍କୁ ଚିହ୍ନି ନଥିଲି ।

: ମୁଁ ଶୋଭନ୍, ଶେଠ୍ ମଦନ ଲାଲଙ୍କ ପୁଅ । ଆପଣଙ୍କ ପରିଚୟ ?

: ମୁଁ ସୁନିତା ! ରାଜୀବ ବାବୁଙ୍କ ଝିଅ । ବାପାଙ୍କ ଦେହ ଅସୁସ୍ଥ । ସେ ଆଜି ବେଡ୍‌ରୁ ଉଠିପାରୁ ନାହାନ୍ତି । ଦେଣୁ ଦୋକାନକୁ ଯାଇପାରି ନାହାନ୍ତି । ଆପଣ ବୋଧହୁଏ ତାଙ୍କୁ ଡାକିବାକୁ ଆସିଥିଲେ ।

ହଁ, ସେ ଯିବାରେ ଡେରିହେବାରୁ ବାପା ମୋତେ ପଠାଇଲେ ଡାକିନେବା ପାଇଁ, କାରଣ ଆଜି କେତେଜଣ କଷ୍ଟମର ଆସିଛନ୍ତ ବାହାଘର ପାଇଁ ଲୁଗା ନେବାକୁ ।

ଶୋଭନ ଲାଲକୁ ପୂର୍ବରୁ କେବେ ଦେଖି ନଥିଲେ ବି ବାପାଙ୍କ ଠାରୁ ତା ବିଷୟରେ ଶୁଣିଥିଲି ତାଙ୍କ ମାଲିକଙ୍କ ପୁଅ ବୋଲି । ସେଦିନ ପ୍ରଥମ ଥର ପାଇଁ ଆମର ସାକ୍ଷାତ ହୋଇଥିଲା ।

ଶୋଭନ ଲାଲର ଚାହାଣୀରୁ ଜଣା ଯାଉଥିଲା ଗୋଟାଏ ପକ୍କା ଲମ୍ପଟ ପରି । ସେ ମତେ ଏକ ଲୟରେ ଚାହିଁ ରହିଲା । ବାଧ୍ୟ ହୋଇ ମୁଁ ତାକୁ ଘର ଭିତରକୁ ଡାକି ବସିବା ପାଇଁ ଅନୁରୋଧ କରି ଚାଲିଗଲି ବାପାଙ୍କୁ ଖବର ଦେବାକୁ ।

ମାଲିକ ଡକାଇ ପଠାଇଛନ୍ତି, ପୁଣି ନିଜ ପୁଅ ହାତରେ ଶୁଣି, ଟିକିଏ ହଡ଼ବଡ଼େଇ ଗଲେ ବାପା । ମତେ ଚାହା କରିବା ପାଇଁ ନିର୍ଦ୍ଦେଶ ଦେଇ ଚାଲିଗଲେ ଦାଣ୍ଡ ଘରକୁ ଶୋଭନ ଲାଲକୁ ନିଜ ଅବସ୍ଥା ବିଷୟରେ ଜଣାଇବା ପାଇଁ ।

ମୋ ଚେହେରା ଦେଖି ଶୋଭନ ଲାଲ ରସି ଯାଇଥିଲା ବୋଧହୁଏ । ବାପାଙ୍କୁ ବାଧ୍ୟ କରିବା ବଦଳରେ ନିର୍ଦ୍ଦେଷ ଦେଲା ଆଉ କିଛିଦିନ ବିଶ୍ରାମ ନେବା ପାଇଁ ।

ମୁଁ ଚାହା ଧରି ପହଞ୍ଚିଲି । ଚାହା ପିଇଲା ଶୋଭନ । ବେଶ୍ ତାରିଫ କଲା ମତେ । ଗଲା ପର୍ଯ୍ୟନ୍ତ ଲୁଚେଇ ଲୁଚେଇ ଚାହୁଁଥିଲା । ଚାହା କପ୍ ଫେରାଇଲା ବେଳେ, ମୋ ହାତକୁ ଜାଣି ଜାଣି ଛୁଇଁବାକୁ ଚେଷ୍ଟା କରିଥିଲା ।

ସେଇଟା ଥିଲା ମୋ ପାଇଁ ପୁରୁଷର ପ୍ରଥମ ସ୍ପର୍ଶ । ମୋ ବୟସ ବି ସେଇଆ ଥିଲା । କଞ୍ଚା ବୟସ... । ଷୋଡ଼ସୀ...

ଶୋଭନ ଲାଲ ଧୂର୍ତ୍ତ, ଆଉ ଲମ୍ପଟ ବୋଲି ମୁଁ ଜାଣି ନଥିଲି । ପୁଣି ତା ଚେହେରା ଥିଲା ଯୁବତୀ ମନଲୋଭା । ସର୍ବୋପରି ସେଥିଲା ଆମ ଅନ୍ନଦାତାଙ୍କ ପୁଅ । ଏଣୁ ତା ପ୍ରତି ମୋ ମନରେ ଦୁର୍ବଳତା ଦେଖାଦେବା ସ୍ୱାଭାବିକ ।

ଗଲାବେଳେ ସେ ମତେ ଏକ କୁଟୀଳ ଚାହାଣୀ ଦେଇଗଲା । ଷୋଡ଼ଶୀ ତନୁ ମୋର ଶିହରୀ ଉଠିଲା ସେ, ଚାହାଣୀରେ । ତଥାପି, ମୁଁ ନିଜକୁ ସଙ୍ଗତ କରି ନେଲି ।

●

Digitized by :-
Deb's Library Corner...

ନିତା କହିଚାଲିଥିଲା...ମୁଁ ଶୁଣୁଥିଲି...

ସେଇଦିନ ଠାରୁ ବାପାଙ୍କ ଦେହ ଆଉ ଭଲ ହେଲା ନାହିଁ । ଆହୁରି ଭୟଙ୍କର ରୋଗରେ ପୀଡ଼ିତ ହୋଇ ଉଠିଲେ ସେ । ଡାକ୍ତରମାନଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା । ଭଗବାନଙ୍କ ପାଖରେ, ବୋଉ ଓ ଆମ ଭାଇ ଭଉଣୀ ଦୁଇଜଣଙ୍କ ପ୍ରାର୍ଥନା ବିଫଳ ହେଲା । ସେହି ରୋଗ ଶଯ୍ୟାରେ ପଡ଼ି ପଡ଼ି ବାପା ଆମକୁ ସବୁଦିନ ପାଇଁ ଛାଡ଼ିଦେଇ ଆଖି ବୁଜିଲେ... ।

ବାପାଙ୍କୁ ଝୁରି ଝୁରି ମୋ ବୋଉ ବି କିଛିଦିନ ପରେ ଆଖି ବୁଜିଲା । ବାକି ରହିଲୁ ଆମେ ଭାଇ ଭଉଣୀ ଦୁଇଟା । ସିଲେଇ ମାଧ୍ୟମରେ ଯାହା କିଛି ମିଳେ ଆମେ ଦୁଇଜଣ ଚଳିବା ବଡ଼ କଷ୍ଟକର ହୋଇଉଠିଲା । ତଥାପି ମୋର ସଂଗ୍ରାମ ଅବ୍ୟାହତ ରହିଥାଏ ।

ହଠାତ୍ ଦିନେ ଛୋଟ ଭାଇଟି ମୋର ପଢ଼ାସାରି ସ୍କୁଲରୁ ଫେରିବା ବାଟରେ କାର୍ ଏକ୍‌ସିଡେଣ୍ଟରେ ଏ ଦୁନିଆରେ ମୋତେ ଏକା କରି ଚାଲିଗଲା ବାପା ବୋଉଙ୍କ ପାଖକୁ ପରପାରିକୁ ।

କହୁ କହୁ ସୁନିତା କାନ୍ଦି ପକାଇଲା...

ମୁଁ, ତା'ର ପିଠି ଥାପୁଡ଼ାଇ କହିଲି...ରିଲାକ୍ସ...ସୁନିତା...ରିଲାକ୍ସ ।

ସେମିତି ଲୁହ ଭିଜା ଆଖିରେ ମୋ ଛାତିରେ ମୁହଁ ଗୁଞ୍ଜି ଦେଇ ଖୁବ୍ ଜୋର୍‌ରେ ସେ କଇଁ କଇଁ ହୋଇ କାନ୍ଦି ଉଠିଲା ।

କିଛି ସମୟ ସେମିତି ଅତିବାହିତ ହେବାପରେ ସାନ୍ତ୍ୱନା ଦେଇ ତାକୁ ପଚାରିଲି...

: ତା'ପରେ କ'ଣ ହେଲା... ?

ସେ ପୁଣି ଥରେ ଆରମ୍ଭ କଲା ତା'ର ଅଧୁରା କାହାଣୀ...

: ମୋର ସେଇ ଦୁଃସମୟରେ ନିଜ ମନରେ ଗରଳ ବାହାରେ ସରଳଭାବ ଦେଖାଇ ମୋତେ ବହୁତ ସାହାଯ୍ୟ କରିଛି ଶୋଭନ ଲାଲ ।

କିନ୍ତୁ ସେ ସାହାଯ୍ୟ କେବଳ ଛଳନାର...ମୋ ହୃଦୟକୁ ଜୟ କରିବାର...ମୋ ମନରେ ତା'ପ୍ରତି ବିଶ୍ୱାସ ଜନ୍ମାଇବାର...

କୋମଳ ହୃଦୟ ମୋର ଶୋଭନ ଲାଲ ଛଳନାର ଚକ୍ରବ୍ୟୂହ ଭେଦ କରିପାରିଲା ନାହିଁ । ତା'ରି ପ୍ରେରଣାରେ ମୁଁ ଆଗେଇ ଚାଲିଲି ।

ସେ ଚରସ ଆଉ ହେରୋଇନ୍ ବେପାର କରୁଥିଲା । ମୋର ଅସହାୟତାର ସୁଯୋଗ ନେଇ ଧିରେ ଧିରେ ସେ ମୋତେ ତା'ର ଚରସ ଓ ହେରୋଇନ୍ କାରବାରରେ ଲିପ୍ତ କରାଇ ନେଲା ।

କେବେ କେବେ ଗୋଟାଏ ଗୋଟାଏ ସୁଟ୍‌କେଶ୍ ଦେଇ ହୋଟେଲ ଫାଇବ୍ ଷ୍ଟାରରେ ଅବସ୍ଥାନ କରୁଥିବା ବିଦେଶୀ ପର୍ଯ୍ୟଟକଙ୍କ ପାଖକୁ ମତେ ପଠାଏ । ଅନାୟାସରେ ମନରେ କୌଣସି ସନ୍ଦେହ ନକରି ମୁଁ ତା' ନିର୍ଦ୍ଦେଶରେ ପରିଚାଳିତ ହେଉଥାଏ । ମନରେ ମଧ୍ୟ ମୋର ଅନେକ ସ୍ୱପ୍ନ । ନିଜ ଗୋଡ଼ରେ ନିଜେ ଠିଆ ହେବି । କିନ୍ତୁ, ମୁଁ ଜାଣି ନଥିଲି, ମୁଁ ଯେଉଁ ସୁଟ୍‌କେଶ୍ ନିଏ ସେଥିରେ ମାରାତ୍ମକ ବିଷ ରହୁଥିଲା ବୋଲି ଦିନେ କଲେଜରୁ ଫେରିବା ବାଟରେ ଏକ ସହପାଠିନୀ ଘରକୁ ଯାଇ ରାତି ସାଢ଼େ ସାତଟାରେ ଫେରୁଥାଏ ମୁଁ...

ହଠାତ୍ ବକ୍ସିବଜାର ଛକରେ ଶୋଭନ୍ ସ୍କୁଟର ଆଣି ମୋ ସାମନାରେ ବ୍ରେକ୍ ଦେଇ ଛିଡ଼ା ହୋଇଗଲା ।

: ଆରେ ସୁନିତା, ଏତେ ବେଳଯାଏ କେଉଁଠି ଥିଲ ?

: ମୋର ଜଣେ ସାଙ୍ଗ ଘରକୁ ଚାଲିଯାଇଥିଲି ।

: ଆସନା ମୁଁ ତୁମକୁ ଘରେ ଛାଡ଼ିଦେବି ।

: ନା' ଆପଣ ଯାନ୍ତୁ, ମୁଁ ଚାଲିଯିବି ।

: କାହିଁକି ମୋ ସାଙ୍ଗରେ ଗଲେ କ'ଣ କିଛି ଖରାପ ହେବ ?

: ନା' ସେମିତି କିଛି ନୁହେଁ...ଅନିଚ୍ଛା ପ୍ରକାଶ କରି ଆଗକୁ ପଛକୁ ଚାହିଁଲି । ଏହି ସମୟରେ ଶୋଭନ୍ ମୋ ହାତକୁ ଟାଣିନେଇ ସ୍କୁଟର୍‌ରେ ବସାଇବାର ଉପକ୍ରମ କରିବା ଦେଖି ପବ୍ଲିକ୍ କ'ଣ ଭାବୁଥିବେ ବୋଲି ମନରେ ଭାବି ବାଧ୍ୟ ହୋଇ ତା'ର ପଛପଟେ ବସିଗଲି ।

କିଛି ବାଟ ଆଗେଇବା ପରେ, ଏକ ଜୁସ୍ ଦୋକାନ ପାଖରେ ଅଟକି ଗଲା ସେ । ଦୁଇଟା କୋଲ୍ଡ

ଡ୍ରିଙ୍କ୍ ଆଣି ଗୋଟିଏ ନିଜେ ପିଇଲା, ଅନ୍ୟଟି ମତେ ପିଇବାକୁ ଦେଲା । ଆମେ ପୁଣି ସ୍କୁଟରରେ ଆଗେଇଲୁ । କ୍ରମେ...କ୍ରମଶଃ...ମୋ ମଥାଟା ଝିମ୍ ଝିମ୍ ହେଲା, ମୁଁ ତାକୁ ଖୁବ୍ ଜୋରରେ ଜାବୁଡ଼ି ଧରିଲି । ତା'ପରେ କ'ଣ ହେଲା, ମୁଁ ଜାଣି ନାହିଁ ।

ଆଖି ଖୋଲି ଦେଖେତ କୌଣସି ଏକ ବେଡ୍ ରୁମ୍‌ରେ ପଡ଼ିଛି ମୁଁ ଏକା । ପାଖରେ କେହି ନାହିଁ । ଶରୀର ଅବଶ ଲାଗୁଛି । କେଶବାସ ବିପର୍ଯ୍ୟସ୍ତ । ମନେ ମନେ ବୁଝିନେଲି ନିଜର ପରିସ୍ଥିତି ସମ୍ପର୍କରେ । କାନ୍ଥ ଘଡ଼ି ରାତ୍ରୀ ୨ଟାର ସୂଚନା ଦେଉଥିଲା ସେତେବେଳେ ।

ବେଇମାନ ଶୋଭନ ମୋର ସବୁକିଛି ଲୁଟି ନେଇଛି । ମୋତେ ମିଠା କଥା କହି, କୌଣସି ନିଶାଦ୍ରବ୍ୟ କୋଲ୍ଡ ଡ୍ରିଙ୍କସ୍‌ରେ ମିଶାଇ ମୋତେ ଅଚେତ କରାଇ, ମୋର କୁମାରୀତ୍ୱକୁ ଲୁଣ୍ଠନ କରିଛି ।

ଇଚ୍ଛା ହେଲା ଆତ୍ମହତ୍ୟା କରିଦେବି ।

କିନ୍ତୁ, ପୁଣି ମନରେ ଜାଗି ଉଠିଲା ପ୍ରତିହିଂସାର ବହ୍ନି । ମୁଁ କାହିଁକି ଆତ୍ମହତ୍ୟା କରିବି... ? ମୋର ସରଳତାର ସୁଯୋଗ ନେଇ, ମୋ ସହିତ ଯିଏ ବିଶ୍ୱାସଘାତକତା କରିଛି, ସେ ମରିବା ଦରକାର...ମୁଁ ତାକୁ କେବେ ବି ଛାଡ଼ିବିନି ।

କୁଓା ମାରଓ୍ୱାଡ଼ୀ ଛୁଆକୁ ଚିହ୍ନେଇ ଦେବି, ଆମ ଓଡ଼ିଆ ଜାତି ଗରିବ ହେଲେ ମଧ୍ୟ ଆମର ଇଜ୍ଜତ୍ ବୋଲି କିଛି ଗୋଟାଏ ଅଛି ।

ବାସ୍, ମନରେ ସାହସ ଓ ଦେହରେ ଶକ୍ତି ସଞ୍ଚୟ କରି ସକାଳୁ ସକାଳୁ ଚୁପ୍ ଚାପ୍ ଘରକୁ ଚାଲି ଆସିଲି । ପଡ଼ିଶାଘର ମାଉସୀ ରାତିରେ ବ୍ୟସ୍ତ ହୋଇ ମୋତେ ବହୁତ ଖୋଜାଖୋଜି କରିଥିଲେ ।

ସାଙ୍ଗ ଘରେ ରହି ଯାଇଥିଲି କହି ସେମାନଙ୍କୁ ବୁଝାଇ ଦେଲି । ନୀରବରେ ଅପେକ୍ଷା କଲି ସୁଯୋଗ ଉଦ୍ଦେଶ୍ୟରେ ।

ଏମିତି ଚୁପ୍‌ଚାପ୍ କିଛିଦିନ ବିତିଗଲା ।

ଶୋଭନର କିନ୍ତୁ ଦେଖାନାହିଁ ।

ଦୀର୍ଘ ଦୁଇମାସ ପରେ ଆକସ୍ମିକ ଦେଖା ହେଲା ଶୋଭନ ସହିତ । କିଛି ନଜାଣିଲା ଭଳି ତାକୁ ଦେଖି ହସି ଦେଲି ମୁଁ ।

ସେ ମଧ୍ୟ ମୋ ହସରେ ହସ ମିଳାଇ ପଚାରିଲା : ଆରେ ବହୁତ ଦିନ ହେଲା ଦେଖା ନଥିଲା, କାରଣ କ'ଣ ?

: ଆପଣଙ୍କର ତ ଦେଖା ନାହିଁ । ଆପଣ ବଡ଼ ଲୋକ, ଆମକୁ କାହିଁକି ପଚାରିବେ ? କିଛି କାମଥିଲେ ସିନା ଆପଣ ଆସିବେ । ନହେଲେ କ'ଣ...

: ଆରେ ନା ନା ବ୍ୟସ୍ତତା ଭିତରେ ଯାଇପାରିନି । ଆଜି ସନ୍ଧ୍ୟାରେ ତୁମ ଘରକୁ ଯିବି ।

: ସତ କହୁଛନ୍ତି ?

: ଆଉ କ'ଣ ମିଛ ?

: ହଉ ଆପଣଙ୍କ ଇଚ୍ଛା ।

ବାସ୍ ସେତିକି କହି ସେଠାରୁ ଚାଲି ଆସିଲି ଘରକୁ । ନିଜକୁ ପ୍ରସ୍ତୁତ କରି, ପ୍ରତିଶୋଧ ପରାୟଣା ମନ ନେଇ ଅପେକ୍ଷା କରି ରହିଲି ସେଇ ବେଇମାନକୁ ।

ଠିକ୍ ଛ'ଟା ବେଳେ ଶୋଭନ୍ ଆସି ଦରଜାରେ କରାଘାତ କଲା । ଜାଣି ନଜାଣିଲାର ଅଭିନୟ କରି, ପଚାରିଲି କିଏ ?

ନିମ୍ନ ସ୍ୱରରେ ଉତ୍ତର ଦେଲା ସେ, : ମୁଁ ଛୋଟ ସେଠ୍ । କ'ଣ ଜାଣି ପାରୁନା ?

ଦରଜା ଖୋଲି ଶୋଭନକୁ ସସମ୍ମାନେ ନେଇ ଆସି ରୁମ୍ ଭିତରେ ବସାଇ କହିଲି : ଚା' ଆଣିବି ନା ସରବତ୍ ?

: ନା' କିଛି ଦରକାର ନାହିଁ, ତୁମ ପାଖରେ ବହୁତ କିଛି କଥା ଅଛି । ଏତକ କହି ହଠାତ୍ ଟାଣି ଧରିଲା ମୋ ନାଇଟ୍ ଗାଉନ୍‌କୁ ।

ସଙ୍ଗେ ସଙ୍ଗେ ଥରି ଉଠିଲା ମୋ ଶରୀର । ଉନ୍ମାଦନାରେ ନୁହେଁ ପ୍ରତିହିଂସାର ପ୍ରତିଶୋଧରେ ।

ଆସୁଛି କହି କ୍ଷିପ୍ର ବେଗରେ ଭିତର ଘରକୁ ପଶିଯାଇ ଲୁଚାଇ ରଖିଥିବା କଟୁରୀକୁ ଆଣି ପଛପଟୁ ଆଖିବୁଜା ହାଣି ଚାଲିଲି, ଚିତ୍କାର କରିବାର ସୁଯୋଗ ମଧ୍ୟ ଦେଲିନାହିଁ ।

ବାସ୍ ସବୁ ଶେଷ ହୋଇଗଲା ସେଇ କାଳରାତ୍ରୀର ନିସ୍ତବ୍ଧ ଅନ୍ଧକାର ମଧ୍ୟରେ ।

ରକ୍ତମୁଖା ବାଘୁଣୀ ପରି ସେଇ ଉତ୍ତେଜିତ ଅବସ୍ଥାରେ ଲାସ୍‌ଟିକୁ କଷ୍ଟେମଷ୍ଟେ ବଳ ପ୍ରୟୋଗ କରି ଘୋଷାଡ଼ି ଘୋଷାଡ଼ି ଆଣି ପକାଇ ଦେଲି ରାସ୍ତା କଡ଼ରେ ଥିବା ବଡ଼ ଡ୍ରେନ୍ ଭିତରେ । ଠିକ୍ ସେଇ ସମୟରେ ଏକ ଟର୍ଚ୍ଚ ଲାଇଟ୍‌ରୁ ଆଲୋକ ଆସି ପଡ଼ିଲା ମୋ ଉପରେ । ତା' ସଙ୍ଗେ ସଙ୍ଗେ ଆଲୋକ ନିକ୍ଷେପ କରିଥିବା ବ୍ୟକ୍ତିର ଗମ୍ଭିର କଣ୍ଠସ୍ୱର ଭାସିଆସିଲା : କିଏ ସେଠାରେ ?

ଅତିର୍କିତ ଆଲୋକ ଓ ଆୱାଜରେ ଚମକି ଉଠିଲି । ଯଥାସମ୍ଭବ ନିଜକୁ ସଜାଡ଼ିନେଲି । କ'ଣ କରିବି ନକରିବି ଚିନ୍ତା କରିବାର ସମୟ ନଥିଲା ମୋ ପାଖରେ ।

ଦ୍ରୁତ ବେଗରେ ଘର ଭିତରକୁ ଦୌଡ଼ି ଯାଇ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ଏଇ ଚମଡ଼ା ସୁଟ୍‌କେଶ୍‌ଟିକୁ ହାତରେ ଧରି ପଛପଟ ରାସ୍ତା ଦେଇ ଅନିର୍ଦ୍ଦିଷ୍ଟ ପଥରେ ପାଦ ଦେବାପାଇଁ ଘରଛାଡ଼ି ଦେଲି ।

ବର୍ଷା ଅନ୍ଧାର ରାତିରେ, ନିଜକୁ ଅନ୍ୟମାନଙ୍କ ଆଖିର ସନ୍ଦେହ ଭିତରୁ ଦୂରେଇ ରଖି ଆଗେଇ ଚାଲିଛି...

ହଠାତ୍ ଏକ ରିଭଲଭର୍ ଗୁଳିର ବିସ୍ଫୋରଣ ଶବ୍ଦ ନିର୍ଜନ ରାତ୍ରୀର ବୁକୁ ଫଟାଇ ପ୍ରକମ୍ପିତ ହୋଇ ଉଠିଲା । ସଙ୍ଗେ ସଙ୍ଗେ ଅପର ପାର୍ଶ୍ୱରୁ ଶୁଣାଯାଉଥିଲା କାହାର ଗୁରୁଗମ୍ଭୀର କଣ୍ଠସ୍ୱର –

: ଧର, ଧର, ଯେମିତି ଖସି ପଳାଇ ନଯାଏ...ଧର...ଧର

ତା’ପରେ ଆଉ ଏକ ଗୁଳି ଶବ୍ଦ ।

ପୁଣି ସେଇ ଗୁରୁଗମ୍ଭୀର ନିର୍ଦ୍ଦେଶ । ଧରି ନପାରିଲେ ଗୁଳିକର । ଆଇ ସେ ଫାୟାର ।

ଏକ ସଙ୍ଗେ ଅନେକ ରାଇଫଲ ଗର୍ଜି ଉଠିଲା । ନିର୍ଜନ ବର୍ଷାରାତ୍ରୀରେ ଅନେକ ଲୋକଙ୍କର ପାଦ ଶବ୍ଦ ସହିତ ବାରୁଦ ଗନ୍ଧରେ ଅଣନିଶ୍ୱାସି ହୋଇ ମୁଁ ସେଇଠୁ ଜୀବନର ସମସ୍ତ ମୋହ ତ୍ୟାଗ କରି ଦୌଡ଼ି ଆସି ଅନ୍ୟ ଏକ ଗଳି ରାସ୍ତାରେ ପଶିଯିବାକୁ ଚେଷ୍ଟା କଲାବେଳେ ସେଇ ମଦ୍ୟପ କେଇ ଜଣଙ୍କ ହାବୁଡ଼ରେ

Digitized by :-
Deb's Library Corner...

ପଡ଼ିଗଲି । ପୁଣି ସେଇଠୁ ଆଖି ବୁଜି ଦୌଡ଼ି ଦୌଡ଼ି ଆପଣଙ୍କ ପ୍ରାଚୀର ଡେଇଁ ପଶି ଆସିଲି ଭିତରକୁ ।

ସୁନିତାର ସ୍ପନ୍ଦନ ବଢ଼ି ଯାଇଥିଲା । ଆଖିରେ ଅଶ୍ରୁ ।

ମୁଁ ଖୁବ୍ ଯୋରରେ ଟାଣି ଧରିଲି ତାକୁ ।

: ନା...ନା... ନିତା...ନା, ତୁମର ବୁଝିବା ଭୁଲ । ତୁମେ ଯାହା କରିଛ ଠିକ୍ କରିଛ । ଏଥିରେ ତୁମର କୌଣସି ଅପରାଧ ନାହିଁ । ଆଉ ତୁମେ ଯେଉଁ ଦସ୍ୟୁ ନାୟିକାମାନଙ୍କ କଥା କହୁଥିଲ, ସେମାନଙ୍କ ଭିତରୁ ପୁତଳୀବାଈ ଥିଲା ଏକ ନର୍ତ୍ତକୀ । ତା'ର ସାକ୍ଷାତ ଦସ୍ୟୁ ସୁଲତାନ ସିଂହ ସହିତ ନହୋଇ ଯଦି କୌଣସି କଳାକାର ସହିତ ହୋଇଥାନ୍ତ, ତେବେ ସେ ଦସ୍ୟୁ ନାୟିକା ନ ସାଜି, ଏକ ଜଣାଶୁଣା ନର୍ତ୍ତକୀ ଭାବେ ସୁନାମ ଅର୍ଜନ କରିଥାନ୍ତା... ।

ଠିକ୍ ସେମିତି ଫୁଲନ ଦେବୀ ତା'ର ବୃଦ୍ଧ ସ୍ୱାମୀ ନିକଟରୁ ପ୍ରତାରିତ ହୋଇଯିବା ପରେ, ସାମାନ୍ୟ ଆଶ୍ରାପାଇଁ ଅନେକ ଆଶା ତଥା ଭରସା ନେଇ ଧାଇଁ

ଯାଇଥିଲା ତା ପ୍ରେମକ ନିକଟକୁ । କିନ୍ତୁ ସେ ପ୍ରେମିକ ନିଜ ସ୍ୱାର୍ଥ ପାଇଁ ତାକୁ ଟେଳିଦେଲା ଗୋଟାଏ ଭୟଙ୍କର ଚମ୍ବଲ ଦସ୍ୟୁ ହାତରେ । ସେଦିନ ଫୁଲନର ପ୍ରେମିକ, ତା' ବିଶ୍ୱାସର ଯଦି ମୂଲ୍ୟ ଦେଇଥାନ୍ତା, ତେବେ ଫୁଲନ ଗୋଟିଏ ନରଭକ୍ଷିଣୀ ଦସ୍ୟୁ ନାୟିକା ନସାଜି ଏକ ସୁଗୃହିଣୀ ରୂପରେ ଆତ୍ମପ୍ରକାଶ କରିଥାନ୍ତା ।

ସୁନିତା ତଥାପି କାନ୍ଦୁଥିଲା । ତା କଣ୍ଠସ୍ୱର ଭାରି ଜଣା ପଡୁଥିଲା । ସେ କହିଲା–

: କୌଣସି ନାରୀ ଜାଣିଶୁଣି ନିଜ ମଥା ଉପରକୁ କଳଙ୍କର ବୋଝ ଉଠାଇ ନିଏ ନାହିଁ ବିଜୟ । ମୁଁ ମଧ ଦିନେ ଘର କରିବା ସ୍ୱପ୍ନ ଦେଖିଥିଲି । ସୁଗୃହିଣୀ ହେବାର କଳ୍ପନା କରିଥିଲି । କିନ୍ତୁ ଠିକ୍ ତୁମରି ଭାଷାରେ ମୋ ଚଲାପଥରେ ଯେଉଁ କେତେଜଣ ମୋ ହାତଧରି ଆଗେଇ ନେବା ପାଇଁ ମୋତେ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ, ଆଉ ଯେଉଁମାନଙ୍କୁ ମୁଁ ଖୁବ୍ ଶିଘ୍ର ବିଶ୍ୱାସ କରି ଯାଇଥିଲି, ସେମାନେ ଚମ୍ବଲ ଦସ୍ୟୁମାନଙ୍କ ଠାରୁ ଆହୁରି ଭୟଙ୍କର ଥିଲେ ।

: ମୁଁ ବୁଝୁଛି ସୁନିତା । ଯାହା ହେବାର ଥିଲା ହୋଇଯାଇଛି । ସେ ସବୁକୁ ମନେ ପକାଇ ଆଉ ଲାଭ କ'ଣ ? ମୁଁ ଭଗବାନଙ୍କ ନାମରେ ଶପଥ କରି କହୁଛି, ତୁମକୁ ନୂଆ ଜୀବନ ଦେବି... ନୂଆ ରୂପରେ ପ୍ରତିଷ୍ଠା କରିବି...ତୁମ ଭିତରେ ଯେଉଁ ଦୀପ୍ତି ଲୁଚି ରହିଛି, ତାହା ତୁମେ ନିଜେ ଅନୁଭବ କରିପାରୁ ନାହଁ । ତୁମରି ଦୀପ୍ତିରେ ମୁଁ ତୁମକୁ ଆଲୋକିତ କରାଇବି...

: କାହିଁକି ? କ'ଣ ପାଇଁ...କେଉଁ ଆଶାରେ... ?

କାନ୍ଦି ଉଠିଲା ସୁନିତା...ମୁଁ ଗୋଟାଏ ବେଶ୍ୟା...ମୁଁ ଗୋଟିଏ ଚରିତ୍ରହୀନା...

: ପିଙ୍ଗଳା ବେଶ୍ୟା ଥିଲା...ଆମ୍ବାପଲ୍ଲୀ ମଧ୍ୟ ବେଶ୍ୟା ଥିଲା...

: ଓହୋ । ତୁମେ ବୁଝୁନା କାହିଁକି ବିଜୟ । ଖାଲି ବେଶ୍ୟା ନୁହେଁ, ତା'ଠାରୁ ମଧ୍ୟ ଭୟଙ୍କର... ଗୋଟିଏ ଅପରାଧୀନୀ, ଗୋଟିଏ ଖୁନୀ ଆସାମୀ...ଗୋଟିଏ ହତ୍ୟାକାରିଣୀ...

ନିଜ ନାମ ସହିତ ଆଉ କିଛି କଦର୍ଯ୍ୟ ବିଶ୍ଳେଷଣ ଯୋଡ଼ି ଥାଆନ୍ତା ବୋଧହୁଏ କିନ୍ତୁ ସୁନିତାକୁ ସେ ସୁଯୋଗ ନଦେଇ ମୁଁ ତା ନରମ ଓଠ ଉପରେ ମୋ ଓଠକୁ ଖୁବ୍ ଜୋରରେ ଚାପି ଧରିଲି...

ମୋର ଅନୁମାନ ଠିକ୍ ଥିଲା...

ସୁନିତାର ପ୍ରଳାପ ଏକଦମ୍ ଶାନ୍ତ ପଡ଼ିଗଲା । ତା' ବଦଳରେ ଶୁଣାଗଲା ତା'ର ଖର ନିଶ୍ୱାସ...ବକ୍ଷ ଭିତରେ ରୁଦ୍ଧ କମ୍ପନ...

ଆହୁରି ଜୋରରେ ମୁଁ ତାକୁ ଭିଡ଼ି ଧରିଲି ନିଜର ବଳିଷ୍ଠ ବାହୁ ବନ୍ଧନ ଭିତରେ । ଉତ୍ତେଜିତ ହସ୍ତଦ୍ୱୟ ମୋର ଘୁରି ବୁଲିଲା ଉତ୍ତେଜନା ଭାବପ୍ରବଣ ଇଲାକାରେ ତା'ର...

ନିସ୍ତବ୍ଧ କକ୍ଷରେ ଉଷ୍ଣ ବାତାବରଣ । ଅଙ୍ଗେ ଅଙ୍ଗେ ଉତ୍ତେଜନାର କମ୍ପନ...

ଆମେ ପାଗଳଙ୍କ ଭଳି ପରସ୍ପରକୁ କେବଳ ଅନୁଭବ କରିବାରେ ଲାଗିପଡ଼ିଲୁ ।

ଆମର ଅନୁଭବ ଆମକୁ ଏକ ପ୍ରଳୟଙ୍କରୀ ଝଡ଼ ଭିତରକୁ ଟାଣିନେଲା । ଆସ୍ତେ ଆସ୍ତେ ଆମେ ଦୁହେଁ ନିଜ ନିଜକୁ ସେ ଝଡ଼ ଭିତରେ ସଂପୂର୍ଣ୍ଣ ହଜାଇ ଦେଲୁ ।

●

ଝଡ଼ ଶାନ୍ତ ହେଲା ।

ଖୁବ୍ ଶୀଘ୍ର ଆକାଶ ସଂପୂର୍ଣ୍ଣ ପରିଷ୍କାର ଦେଖାଗଲା । ନକ୍ଷତ୍ରମାନେ ବୟସ୍କା ରଜନୀକୁ ସାଥିରେ ଧରି ପୃଥିବୀରୁ ବିଦାୟ ନେବା ପାଇଁ ପ୍ରସ୍ତୁତ ହେଉଥିଲେ । ପାହାନ୍ତିଆ ତାରା ଦ୍ୱାରରକ୍ଷୀ ପରି ଉଚ୍ଚ ସ୍ୱରରେ କୁହାଟ ମାରୁଥିଲା ।

ବେଶ୍ ଶାନ୍ତିରେ ମୋ କୋଳରେ ଶୋଇ ଯାଇଥିଲା ସୁନିତା ।

ସମୟର ପରିଧି ଖୁବ୍ ଅଳ୍ପ ହେଲେ ମଧ୍ୟ ଦୁଇଟି ଅନୁଭବୀ ଆତ୍ମା ଖୁବ୍ ଶୀଘ୍ର ପରସ୍ପରକୁ ନିଜର କରି ନେଇଥିଲେ । ଖାଲି ନିଜର ନୁହେଁ, ଏକ ଏବଂ ଅଭିନ୍ନ ମଧ୍ୟ ହୋଇ ସାରିଥିଲେ ।

ରାତ୍ରିର ଅନ୍ତିମ ପ୍ରହର...

ଆଖି ମାଡ଼ି ମାଡ଼ି ଆସୁଥିଲା । ଭାବନାର ଅନ୍ତ ନାହିଁ । ତଥାପି ଶୋଇବାକୁ ଚେଷ୍ଟାକଲି । ସୁନିତାକୁ ଟାଣି ଆଣିଥିଲି ଆଉ ଟିକେ ପାଖକୁ । ଗୋଟାଏ ଲତା ସଦୃଶ୍ୟ ସେ ମୋ ଦେହରେ ଗୁଡ଼େଇ ହୋଇ ଯାଇଥିଲା...

ମୁଁ ଶୋଇ ଯାଇଥିଲି...

ହଠାତ୍ ଦ୍ୱାର ଦେଶରେ କାହାର କରାଘାତ ଶୁଣାଗଲା । ମୋଟା, ଭାରି ଶବ୍ଦ...

ଉଦ୍ଦେଶ୍ୟ ମୂଳକ...ଆକ୍ଷେପ ମୂଳକ...

ଚମକି ଉଠିଲି ।

ତନ୍ଦ୍ରା ସଂପୂର୍ଣ୍ଣ ହଜିଗଲା । ଦରଜା ଖୋଲିବାକୁ ତ ହେବ ।

ପୁଣି ସେଇ ଖଟ୍ ଖଟ୍...

ଆଉ ଅପେକ୍ଷା କରି ଲାଭ କଣ ?

ମୋର ମନେହେଲା, ମୁଁ ଯଦି ଦ୍ୱାରା ଖୋଲିବାରେ ଆଉ ଟିକିଏ ବିଳମ୍ବ କରିଦିଏ, ତେବେ ବାହାରେ

ଅପେକ୍ଷା କରିଥିବା ଲୋକ ନିଶ୍ଚୟ ଦ୍ୱାରା ଭାଙ୍ଗି ଭିତରକୁ ପଶି ଆସିବ ।

ଆଉ ସମୟ ନଷ୍ଟ ନକରି ଉଠି ଆସିଲି ପଲଙ୍କ ଉପରୁ...

ଦ୍ୱାର ଖୋଲିବା ପୂର୍ବରୁ ଥରେ ଚିନ୍ତାକଲି ।

ରାତ୍ରୀର ଶେଷ ପ୍ରାନ୍ତରେ କିଏ ଏହି ଆଗନ୍ତୁକ... ?

କୌଣସି ପରିଚିତ ବ୍ୟକ୍ତି ହୋଇଥିଲେ ଏତେ ବ୍ୟସ୍ତଭାବେ ଦ୍ୱାର ଦେଶରେ କରାଘାତ ନକରି, ମୋର ନାମ ଧରି ଡାକି ପାରନ୍ତା...କିନ୍ତୁ...

ଧଡ଼୍ ଧଡ଼୍... ସେଇ ଧଡ଼୍... ଧଡ଼୍...

କାଳବିଳମ୍ବ ନକରି ସୁନିତା ଉପରେ ରେଶମୀ ଚାଦରଟିଏ ଘୋଡ଼ାଇ ଦେଲି । ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି ଆସି ଦ୍ୱାର ଖୋଲିଲି । ସେତେବେଳେ ଆଲୋକ ଜାଳି ନଥିଲି କାହିଁକି, ତାହା ଆଜି ଚିନ୍ତାକଲେ ଆଶ୍ଚର୍ଯ୍ୟ ଲାଗେ । ସମ୍ଭବତଃ ଈଶ୍ୱରଙ୍କର ମୋ ଉପରେ ଅନୁକମ୍ପା ଥିଲା । ଆଲୋକ ଜାଳିଥିଲେ ସେମାନେ ନିଶ୍ଚୟ

ସୁନିତାର ପଲଙ୍କ ଉପରେ ଶୟନ ଆକୃତିକୁ ସନ୍ଦେହ କରିଥାନ୍ତେ ।

ବାରଣ୍ଡାକୁ ଆସିଲି...

ବିଦାୟୀ ଚନ୍ଦ୍ରର ଶୁଭ୍ର ଆଲୋକରେ ସ୍ପଷ୍ଟ ଦେଖିପାରିଲି, ମୋ ସମ୍ମୁଖରେ ଠିଆ ହୋଇଛନ୍ତି ନିକଟସ୍ଥ ସଦର ଥାନାର ଭାରପ୍ରାପ୍ତ ଅଫିସର, ଇନିସ୍‌ପେକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର । ତାଙ୍କ ସହିତ ଦୁଇଜଣ କନେଷ୍ଟବଲ ଓ କେତେଜଣ ଯୁବକ ।

ସେମାନଙ୍କୁ ଦେଖି ହଠାତ୍ ମୁଁ ଅପ୍ରସ୍ତୁତ ହୋଇପଡ଼ିଲି ।

ନା, ମୋତେ ଅଭିନୟ କରିବାକୁ ପଡ଼ିବ ଏଠାରେ । ନିଚ୍ଛକ ଅଭିନୟ । ଆଗନ୍ତୁକ ଦର୍ଶକମାନେ ଯେପରି ସେ ଅଭିନୟ ଦେଖି ସନ୍ତୁଷ୍ଟ ହୋଇ ଫେରିଯିବେ । ମୋତେ କୌଣସି ସନ୍ଦେହ କରି ପାରିବେ ନାହିଁ ।

ନାଟକୀୟ ଭଙ୍ଗୀରେ ଦୁଇହାତ ଯୋଡ଼ି କହିଲି...

: ନମସ୍କାର ଇନିସ୍‌ପେକ୍ଟର...ହଠାତ୍ ଆପଣ...ଏଠାରେ ପୁଣି...ଅସମୟରେ... ମୋ ଦ୍ୱାର ଦେଶରେ ? କୌଣସି ଅପରାଧ କରିଥିଲା ଭଳି ତ ମୋର ଆଦୌ ମନେହୁଏନା...

ସ୍ମିତ ହସିଲେ ଇନିସ୍‌ପେକ୍ଟର ମୃତ୍ୟୁଞ୍ଜୟ ।

: ଆରେ ଆପଣ ଏଠାରେ ରହୁଛନ୍ତି ଜାଣିଥିଲେ, ମୁଁ ହୁଏତ ଏତେ ପରିଶ୍ରମ କରି ଏଠାକୁ ଆସି ନଥାନ୍ତି । ଆପଣ ଅଡିଟୋରିୟମ ପାଖରେ ରହୁଥିଲେ ନା ?

: ହଁ, ରହୁଥିଲି । କିନ୍ତୁ ସେଠାରେ ଛୋଟଘର ହେତୁ ମତେ ଭୀଷଣ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା । ତେଣୁ ସେ ଘରଟାକୁ ଛାଡ଼ି ଏଠାକୁ ଚାଲି ଆସିଲି, ଏଇତ ଏଠାକୁ ଆସିବାର ଗୋଟାଏ ସପ୍ତାହ ପୂର୍ଣ୍ଣ ହୋଇନାହିଁ ।

: ମୁଁ ଗୋଟିଏ ରଙ୍ଗ୍ ଇନ୍‌ଫରମେସନ୍ ପାଇଗଲି ବୋଧହୁଏ ? ଆଚ୍ଛା ଛାଡ଼ନ୍ତୁ ସେସବୁ...ଅସମୟରେ ଆସି ଆପଣଙ୍କ ସୁଖ ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥିବାରୁ ଆଇ ଆମ୍ ସରି...

ମୁଁ ହସିବାକୁ ଚେଷ୍ଟା କଲି...

: ନା ଇନିସ୍‌ପେକ୍ଟର, ଆପଣଙ୍କ ପାଇଁ ପ୍ରତ୍ୟେକଟି ସମୟ ମୂଲ୍ୟବାନ, ଏଣୁ ଅସମୟ ବୋଲି କିଛି ନାହିଁ । ମୋ ପାଇଁ ମଧ୍ୟ ଠିକ୍ ସେମିତି । ଗୋଟାଏ ନୂଆ ନାଟକର ରିହରସାଲ୍ ଚାଲିଥିଲା ଆଜି...ଏଇ ଅଳ୍ପ ସମୟ ହେଲାତ ସେଠାରୁ ଫେରୁଛି ।

ଜାଣି ଜାଣି ମୁଁ ମିଥ୍ୟାର ଆଶ୍ରୟ ନେଇଥିଲି । ତା'ଛଡ଼ା ମୋର ଅନ୍ୟ ଉପାୟ କିଛି ନଥିଲା । ମୁଁ ଜାଣିଥିଲି ଇନିସ୍‌ପେକ୍ଟର କି ପ୍ରକାର ଇନ୍‌ଫରମେସନ୍ ପାଇ ଏଠାକୁ ଆସିଛନ୍ତି । ସେ ଇନ୍‌ଫରମେସନ୍ ମିଥ୍ୟା ନଥିଲା । ସଂପୂର୍ଣ୍ଣ ସତ୍ୟ । ସମାଜର ମୁଁ ଜଣେ ଭଦ୍ର ମଣିଷ ଏବଂ କଳାକାର ହିସାବରେ ସେ ମତେ ହଠାତ୍ ଅବିଶ୍ୱାସ କରିପାରୁ ନଥିଲେ...ତଥାପି ପୋଲିସ ବାଲାଙ୍କୁ ବିଶ୍ୱାସ କ'ଣ ?

ମୋର ଅନ୍ତର ଆତ୍ମା ଏକ ଅଜଣା ଆତଙ୍କରେ ଶିହିରୀ ଉଠିଲା ।

ଧ୍ୟାନ ଭଙ୍ଗକଲେ ଇନିସ୍‌ପେକ୍ଟର...

Digitized by :-
Deb's Library Corner...

: ଆପଣ ମିଷ୍ଟର ଶୋଭନ୍ ଲାଲ୍‌ଙ୍କୁ ଜାଣିଛନ୍ତି ?

: ଶୋଭନ୍ ଲାଲ୍ ଶାହା ତ ?

: ଇଏସ୍...

: ଜାଣେ । ଏଇ ଗଳିର ଆରମ୍ଭରେ ମିଷ୍ଟର ଶାହା ଏକ ପଞ୍ଚତାରକା ହୋଟେଲ ନିର୍ମାଣ କରିଛନ୍ତ...ଆଉ ତାଙ୍କ ବାପାଙ୍କର ମଧ୍ୟ ଚୌଧୁରୀ ବଜାରରେ ଏକ ବିରାଟ ଲୁଗା ଦୋକାନ ଅଛି...

: ସେହି ବ୍ୟକ୍ତି । ଠିକ୍ ଜାଣିଛନ୍ତି ତା'ହେଲେ, ଅବଶ୍ୟ ସେ ଜଣେ ସ୍ମଗଲର୍ ଏବଂ ଅସାମାଜିକ ବ୍ୟକ୍ତି । ପୋଲିସ ରେକର୍ଡରେ ତାଙ୍କ ନାମରେ ବହୁତ ଅଭିଯୋଗ ରହିଛି । ସହର ଭିତରେ ସଂଘଟିତ ହେଉଥିବା ପ୍ରତ୍ୟେକ ଦଙ୍ଗା, ହତ୍ୟା, ଅପହରଣ ତଥା ନାରୀ ଧର୍ଷଣ ପଛରେ ତାଙ୍କର ହାତ ଅଛି । ଆଜି ନ ହେଲେ କାଲି ତାଙ୍କୁ ପୋଲିସ୍ ନିଶ୍ଚୟ କାଠଗଡ଼ା ଭିତରକୁ ଟାଣି ନେଇଥାନ୍ତା, କିନ୍ତୁ ତା' ପୂର୍ବରୁ...

ମୁଁ ଚମକି ଉଠିଲି...

: ତା ପୂର୍ବରୁ... ।

: ହୋଟେଲର କର୍ମଚାରୀ ତଥା ତାଙ୍କ ପରିବାର ସଦସ୍ୟମାନଙ୍କ କହିବାନୁସାରେ ସାତଟାବେଳେ ହୋଟେଲସ୍ଥିତ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ଭିତରେ ଆକଣ୍ଠ ମଦ୍ୟପାନ କରି ଶୋଇଯାଇଥିଲେ ସେ । କିନ୍ତୁ କେହିଜଣେ ଦୁର୍ବୃତ୍ତ ଏକ ତୀକ୍ଷ୍ଣ ଅସ୍ତ୍ର ସାହାଯ୍ୟରେ ଆଘାତ କରି ପଳାୟନ କରିଛି ।

ଶେଠଜୀ ମୃତ ନା ଜୀବିତ ? ମୁଁ ହଠାତ୍ ପ୍ରଶ୍ନ କଲି...

ଜୀବିତ ଥିଲେ କେହି ସମବେଦନା ଜଣାଇବାକୁ ଆସିନଥାନ୍ତେ । କିନ୍ତୁ କଥା ହେଉଛି ଶେଠ ଶୋଭନ ଲାଲଙ୍କୁ ରୁମ୍‌ରେ ହତ୍ୟା କରାଯାଇଛି । ଆଉ ଲାସ୍ ପଡ଼ିଛି ରାସ୍ତା କଡ଼ରେ ଥିବା ବଡ଼ ଡ୍ରେନ ଭିତରେ ।

ସନ୍ଦେହ ହୁଏ ହୋଟେଲ ଭିତରୁ ଅନ୍ୟମାନଙ୍କ ଚକ୍ଷୁ ଅନ୍ତରାଳରୁ ହତ୍ୟାକାରୀ ଲାସ୍ ବାହାରକୁ ଆଣିଲା କିପରି ?

ଅଥବା ଶେଠ୍ ନିଜେ ସେ ରାସ୍ତାଦେଇ କୌଣସି ଯୁବତୀ ପାଖକୁ ଯାଇଥାଇ ପାରନ୍ତି...କିମ୍ବା କୌଣସି...

ସନ୍ଦେହର ବୁଢ଼ିଆଣି ଜାଲ ମସ୍ତିସ୍କକୁ ବ୍ୟତିବ୍ୟସ୍ତ କରିପକାଇଥିବାବେଳେ ଏଇ କେତେ ଜଣ ଲୋକଙ୍କ ବୟାନ ଅନୁସାରେ ଏକ ସୁନ୍ଦରୀ ଷୋଡ଼ଶୀ ଯୁବତୀ ଶେଠ୍‌ଜୀଙ୍କୁ ତା' ଘର ଭିତରେ ହତ୍ୟାକରି ଡ୍ରେନ୍ ଭିତରେ ଫିଙ୍ଗି ଦେଇ ଏଇ ଆଡ଼କୁ ଦୌଡ଼ି ପଳାଇ ଆସିଛି...

ମୋ କଣ୍ଠରେ ଫୁଟି ଉଠିଲା ଆତଙ୍କ...

: ଯୁବତୀ...ହତ୍ୟା... ?

: ହଁ, ହତ୍ୟା । ପ୍ରତିଶୋଧ ମୂଳକ ହତ୍ୟା । ଅବଶ୍ୟ ସେଭଳି ଗୋଟାଏ ଲୋକର ଏ ସମାଜରେ ବେଶିଦିନ ବଞ୍ଚିରହିବାର ଅଧିକାର ନଥିଲା । ପୋଲିସ୍ ରେକର୍ଡ ଅନୁସାରେ, ସେ ବହୁତ ଯୁବତୀଙ୍କ ଇଜ୍ଜତ ନଷ୍ଟ କରି, ସେମାନଙ୍କୁ ହତ୍ୟାକରି ଲାସ୍ ଗାଏବ୍ କରିଦେଇଛି । ଯାହାକି ଆଜି ପର୍ଯ୍ୟନ୍ତ ପୋଲିସ ସେ ସବୁର କୌଣସି ସନ୍ଧାନ ପାଇନାହିଁ । ଆଉ କେତେକ ଯୁବତୀଙ୍କୁ ହାତରେ

ଖେଳନା ସଜାଇ ଖେଳି ଖେଳି ରାସ୍ତା ଉପରେ ଥିବା ଡଷ୍ଟବିନ୍‌କୁ ଫିଙ୍ଗି ଦେଇଛି ଚିରା ପ୍ଲାଷ୍ଟିକ ଖୋଳପରି ।

ସମ୍ଭବତଃ ସେହିଭଳି କୌଣସି ଏକ ଯୁବତୀ ଏହି ହତ୍ୟାକାଣ୍ଡର ନାୟିକା । ନୈତିକ ଦୃଷ୍ଟିରୁ ବିଚାର କରାଗଲେ ସେ ଯୁବତୀ କୌଣସି ପାପ କରନାହିଁ । ସେଭଳି ବେଇମାନ ପାପୀକୁ ହତ୍ୟା କରାଯିବା ଉଚିତ । କିନ୍ତୁ ଆମର ଆଇନ କ'ଣ ସେ ପ୍ରତିହିଂସାର ପ୍ରତିଶୋଧକୁ ଅନୁମତି ଦେବ ? ଯୁବତୀଟି ଆଇନ ନିଜ ହାତକୁ ନେଇ କିଛି ଭଲ କରିନାହିଁ ।

ସୁନିତା ଶେଠ୍ ଶୋଭନ ଲାଲଙ୍କୁ ହତ୍ୟା କରିଛି, ସେଥିପାଇଁ ମୋ ମନରେ କୌଣସି ଗ୍ଲାନି ନଥିଲା । କାରଣ ସ୍ୱୟଂ ପୋଲିସ୍ ଇନିସ୍‌ପେକ୍ଟର ସ୍ୱୀକାର କରିଛନ୍ତି ଯେ ନୈତିକ ଦୃଷ୍ଟିରୁ ନିତା କୌଣସି ଅପରାଧ କରିନାହିଁ । କିନ୍ତୁ ବାସ୍ତବିକ୍ ଆମର ଆଇନ ଅନ୍ଧ । ଆଇନ ଆଗରେ ସୁନିତା ଗୋଟାଏ ହତ୍ୟାକାରିଣୀ । ସେ ଦଣ୍ଡ ପାଇବ ଫାଶୀ, ଅଥବା ଆଜୀବନ କାରାଦଣ୍ଡ ।

ହଠାତ୍ ସମ୍ମୋହିତ ହେଲାପରି ମୋ ପାଟିରୁ ବାହାରି ଆସିଲା...

: ନା...ନା...ନା...

: କ'ଣ...ନା... ? ପ୍ରଶ୍ନକଲେ ଇନିସ୍‌ପେକ୍ଟର...

ମୁଁ ନିଜକୁ ସଞ୍ଜତ କଲି । କହିଲି...

: ମାନେ...କୌଣସି ଯୁବତୀ ଶୋଭନ ଲାଲ ଭଳି ଏକ ବଳିଷ୍ଠ ବ୍ୟକ୍ତିକୁ ଏକ କଟୁରୀରେ ହାଣି ହତ୍ୟା କରି ନପାରେ । ରିଭଲଭର ହୋଇଥିଲେ ଅନ୍ୟ କଥା...

: ମୁଁ ମଧ୍ୟ ପ୍ରଥମେ ସେଇଆ ଭାବିଥିଲି ବିଜୟବାବୁ, କିନ୍ତୁ ଏଇ ତିନିଜଣ ଯୁବକ ପ୍ରତ୍ୟକ୍ଷ ପ୍ରମାଣ ଦିଅନ୍ତି । ସେମାନେ ଗୋଟାଏ ଯୁବତୀକୁ ଶୋଭନଲାଲଙ୍କ ଲାସ୍‌କୁ ଏକାକୀ ଘୋଷାଡ଼ି ଘୋଷାଡ଼ି ଆଣି ଡ୍ରେନ୍‌ରେ ଫିଙ୍ଗି ଦେଇ ଏକ ଛୋଟ ଘର ଭିତରକୁ ଚାଲିଯିବାର ସ୍ୱଚକ୍ଷୁରେ ଦେଖିଛନ୍ତି । ଆଉ ମଧ୍ୟ ସେଇ ଡ୍ରେନ୍ ପାଖରେ ଛିଡ଼ା ହୋଇ କିଛି କାର୍ଯ୍ୟ କରୁଥିବା ଅବସ୍ଥାରେ ନାଇଟ୍ ଡିଉଟି କରୁଥିବା କନେଷ୍ଟବଳମାନଙ୍କର ଟର୍ଚ୍ଚ ଲାଇଟ୍

ସେ ଯୁବତୀ ଉପରେ ପଡ଼ିଥିଲା । ଜଣେ ପୋଲିସ କନେଷ୍ଟବଲ୍ ସେ ଯୁବତୀକୁ ଦୂରରୁ ଥାଇ ପଚାରିଥିଲା କିଏ ସେଠାରେ ବୋଲି...

ତା'ପରେ ସେ ଘର ପଛ ପାଖ ରାସ୍ତାଦେଇ ଦୌଡ଼ି ଚାଲିଯିବାର ସେମାନେ ଦେଖିଛନ୍ତି । ସେମାନେ ମଧ୍ୟ ସେ ଯୁବତୀକୁ ଅନୁସରଣ କରିଥିଲେ । କିନ୍ତୁ ସାମାନ୍ୟ ଅନ୍ୟମନସ୍କତାର ସୁଯୋଗ ନେଇ ଯୁବତୀଟି ସେମାନଙ୍କ ଆଖିରେ ଧୂଳି ଛାଟି ଏଇ ଆଖପାଖ ଅଞ୍ଚଳରେ କେଉଁଠି ଆତ୍ମଗୋପନ କରି ଗଲା...

ମୁଁ ସମ୍ମୁଖକୁ ଚାହିଁଲି...

: ଏଇ ଯୁବକ ତିନିଜଣ...

: ହଁ ଶୋଭନ ଲାଲଙ୍କ ଫାଇଭ୍‌ଷ୍ଟାର ହୋଟେଲ୍‌ର ଏମାନେ କର୍ମଚାରୀ...

ମୋ କଣ୍ଠରେ ତାଚ୍ଛଲ୍ୟ ଭାବ ଫୁଟି ଉଠିଲା...

: ଏଇ ମଦ୍ୟପଗୁଡ଼ାକ ? ଉପଯୁକ୍ତ ପ୍ରଭୁର ଉପଯୁକ୍ତ ଭୃତ୍ୟ ଏମାନେ । ଏଇମାନଙ୍କ ଷ୍ଟେଟ୍‌ମେଣ୍ଟକୁ

ସତ୍ୟ ମନେକରି ଆପଣ ମୋ ଭଳି ଜଣେ ସମ୍ମାନିତ କଳାକାରର ଘର ସର୍ଚ୍ଚ କରିବା ପାଇଁ ଧାଇଁ ଆସିଛନ୍ତି ?

ମୋ କଣ୍ଠରେ ଉଦ୍ଧତ ଭାବ ଥିଲା...

ମଦ୍ୟପ ତିନିଜଣ ମୋ କଥାରେ ଉତ୍ୟକ୍ତ ହୋଇ ଉଠୁଥିଲେ । କୌଣସି ପ୍ରକାରେ ନିଜକୁ ସମ୍ଭାଳି ନେଇ ଇନିସ୍‌ପେକ୍ଟର କହିଲେ...

: ବିଜୟ ବାବୁ ! ମୋର ଉଦ୍ଦେଶ୍ୟ ଠିକ୍ ସେଇଆ ନୁହେଁ । ଘଟଣାସ୍ଥଳ ନୀରିକ୍ଷଣ କଲେ ଜଣାଯାଏ - ପ୍ରତିଶୋଧ ପରାୟଣ ହୋଇ କୌଣସି ଯୁବତୀ ଏଭଳି ଭାବରେ ଶୋଭନ୍‌ଲାଲଙ୍କୁ ହତ୍ୟା କରିଛି । ସେହିଭଳି ଗୋଟାଏ ଯୁବତୀକୁ ଏଇ ଗଳି ଭିତରେ ଦେଇ ଦୌଡ଼ି ପଳେଇ ଯାଉଥିବାର ପ୍ରମାଣ ମଧ୍ୟ ଜନସାଧାରଣଙ୍କ ଠାରୁ ମିଳେ । ଏଣୁ ମୋ କର୍ତ୍ତବ୍ୟ ଦୃଷ୍ଟିରୁ ଏ ଗଳିର ପ୍ରତ୍ୟେକ ବାସିନ୍ଦାଙ୍କୁ ସେ ସମ୍ପର୍କରେ ପଚାରିବା ଉଚିତ୍ । ତା'ସହିତ ଏଠାକାର ବାସିନ୍ଦା ଭାବରେ ଆପଣମାନେ ଆମକୁ ଏ କ୍ଷେତ୍ରରେ ସହଯୋଗ କରିବା ଏକାନ୍ତ ଆବଶ୍ୟକ । ମୁଁ ଜାଣେ ଆପଣ ବହୁତ ବିଳମ୍ବରେ ଘରକୁ

ଫେରନ୍ତି । ସେଇ ଯୁବତୀ ଯେ ଆପଣଙ୍କ ବସାରେ ଆତ୍ମଗୋପନ କରିଛି ସେ କଥା ମୁଁ କହୁନାହିଁ...ମୋର କହିବାର ଉଦ୍ଦେଶ୍ୟ...ଆପଣ ଅଡିଟୋରିୟମରୁ ଫେରିଲା ବେଳେ ସେଭଳି କୌଣସି ଯୁବତୀକୁ କେଉଁଠାରେ ସନ୍ଦେହଜନକ ଅବସ୍ଥାରେ ଦେଖିଛନ୍ତି କି ?

ଏଥର ଛଳନା କରିବା ପାଇଁ ମୁଁ ଆଉ ଗୋଟିଏ ରାସ୍ତା ପାଇଗଲି... । ସଙ୍ଗେ ସଙ୍ଗେ ଚିନ୍ତା କରିବା ଭଳି ଆକ୍‌ସନ କରି କହିଲି...

: ଆଚ୍ଛା ଯୁବତୀଟି ଦେଖିବାକୁ କେମିତି... ?

: ଅତ୍ୟନ୍ତ ସୁନ୍ଦରୀ... । ଜଣେ ମଦ୍ୟପ କହିଲା ।

: ଅନୁମାନିକ ବୟସ ତା'ର କେତେ ହେବ ?

ମଦ୍ୟପମାନଙ୍କ ଭିତରୁ ଅନ୍ୟଜଣେ କହି ଉଠିଲା ଏଇ ଉଣେଇଶି କି କୋଡ଼ିଏ...

: ତା' ଦେହର ରଙ୍ଗ...

: ଗୋରା...

: ଆଚ୍ଛା, ଯୁବତୀର ହାତରେ କିଛି, ମାନେ କୌଣସି ଲଗେଜ୍ ଥିଲା କି... ?

: ହଁ, ଗୋଟିଏ ଚମଡ଼ାର ସୁଟ୍‌କେଶ୍... କୋଉଠି ଦେଖିଛନ୍ତି ଆପଣ... ?

ମୁଁ ଚିନ୍ତାକଲି । ନା, ଚିନ୍ତା କରିବାର ଅଭିନୟ କଲି । କିଛି ସମୟ ପରେ ହଠାତ୍ କହିଲି-

ଆପଣମାନେ ମୋ ସହିତ ଆସନ୍ତୁ । ଏଇ ଟିକିଏ ଆଗରେ...

ଗଳିର ଶେଷ ମୋଡ଼ରେ, ରିଙ୍ଗ୍ ରୋଡରେ ବସ୍ ଷ୍ଟପେଜ୍ ପାଇଁ ମ୍ୟୁନିସିପାଲିଟି ତରଫରୁ ଯେଉଁ ଛୋଟିଆ ବିଶ୍ରାମାଗାରଟି ତିଆରି ହୋଇଛି, ସେଠାରେ ମୁଁ ଫେରିବାବେଳେ ଗୋଟିଏ ଅଳ୍ପ ବୟସ୍କା ଯୁବତୀ ଠିଆ ହୋଇଥିବାର ଦେଖିଥିଲି । ତା' ହାତରେ ଗୋଟାଏ ଚମଡ଼ା ସୁଟ୍‌କେଶ୍ ଥିଲା । ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ଅଥବା ବସ୍‌କୁ ଅପେକ୍ଷା କରିଥିବା କୌଣସି ଯୁବତୀ ଭାବି, ମୁଁ ତା' ପ୍ରତି ଗୁରୁତ୍ୱ ନଦେଇ ଚାଲି ଆସିଥିଲି । ତା' ଛଡ଼ା ବର୍ଷାପାଗ ଯୋଗୁଁ କୌଣସି ରିକ୍ସା ନପାଇ ମୁଁ

ପାଦରେ ଚାଲି ଚାଲି ଶୀଘ୍ର ଫେରି ଆସୁଥିଲି ।

ମୋ ଛଳନାମୟ ମନଗଢ଼ା କଥାରେ ହଠାତ୍ ଇନିସ୍‌ପେକ୍‌ଟର ମହାପାତ୍ରଙ୍କ ମୁଖମଣ୍ଡଳ ଉଜ୍ଜଳ ଦେଖାଗଲା ଯେମିତି । ତା'ପରେ ସେ ମତେ ପ୍ରଶ୍ନକଲେ : ସେ ଯୁବତୀର ପୋଷାକ ଉପରେ ଆପଣ ଲକ୍ଷ୍ୟ ରଖିଛନ୍ତି ? ସେ କ'ଣ ପିନ୍ଧିଥିଲା କହି ପାରିବେ... ?

ନିଜ ମଥାକୁ ଆଉଁସିବାର ଅଭିନୟ ଛଳରେ ମନେ ପକାଇବାକୁ ଚେଷ୍ଟା କରି ମୁଁ କହିଲି...

ଶାଢ଼ୀ ପିନ୍ଧି ନଥିଲା ବୋଧହୁଏ । ତା' ଦେହରେ ସ୍କଟ ଅଥବା ସାଲଓ୍ୱାର ପଞ୍ଜାବୀ ଥିଲା...

: କିନ୍ତୁ ଆପଣ କହୁଛନ୍ତି ସେ ବସ୍‌କୁ ଅପେକ୍ଷା କରିଥିଲା...ହେଲେ ରାତ୍ରୀ ଗୋଟାଏ ବାଜିଲାଟାରେ ଆଉ ବସ୍ ଆସିବ ବା କେଉଁଠୁ ଯେ ସେ ସେଠାରେ ଏକାକୀ ଏଇ କୋହଲା ପାଗରେ...

: ହୁଏତ ବସ୍ ପାଇଁ ଯୁବତୀଟି ଅପେକ୍ଷା କରିପାରି ନଥାଏ ? ସେ କେଉଁ ଉଦ୍ଦେଶ୍ୟ ନେଇ ସେଠାରେ

Digitized by :-
Deb's Library Corner...

ଏକାକୀ ଠିଆ ହୋଇଥିଲା । ମୁଁ କେମିତି କହିବି ? ତାହା ନିର୍ଣ୍ଣୟ କରିବା ଆପଣଙ୍କର କାମ । ସର୍ବୋପରି, ବସ୍ ଟାଇମ୍ ସମ୍ପର୍କରେ ମୋର ମଧ୍ୟ କୌଣସି ଧାରଣା ନାହିଁ । କିଏ, କାହିଁକି, କେତେବେଳେ, କେଉଁଠାକୁ ଯିବ...ଏତେଗୁଡ଼ାଏ କଥାରେ ମୋର ଗୁରୁତ୍ୱ ଦେବାରେ କୌଣସି କାରଣ ନଥିଲା । ଏଣେ ବର୍ଷା, ତେଣେ ରିକ୍‌ସାର ଅଭାବ ସାଙ୍ଗକୁ ପାଦରେ ଚାଲି ଚାଲି ଆସୁଥିବା ବେଳେ ମୋର ପରିସ୍ଥିତି ଆପଣ ସ୍ପଷ୍ଟ ଅନୁମାନ କରିପାରୁଥିବେ ।

: ଅଫ କୋର୍ସ... । ଏନି ୱେ... ଯୁବତୀର ବୟସ ଆନୁମାନିକ କେତେ ହେବ ?

: ଅଠରରୁ କୋଡ଼ିଏ ଭିତରେ...

: ତା' ସହିତ ସେଠାରେ ଆଉ କିଏ ସବୁ ଥିଲେ... ?

: ଥାଇପାରନ୍ତି । କିନ୍ତୁ ମୁଁ କାହାକୁ ଦେଖିନାହିଁ ...

: ଲେଟ୍ ଅସ୍ ସର୍ଚ୍ଚ ଦ୍ୟାଟ୍ ପ୍ଲେସ୍...

: ସେ କ'ଣ ଏବେ ସୁଦ୍ଧା ସେଠାରେ ଥିବ ବୋଲି ଆପଣ ଭାବୁଛନ୍ତି ?

: ତଥାପି...

ଆମେ ସମସ୍ତେ ବସ୍ ଷ୍ଟପେଜ୍ ଆଡ଼କୁ ଆଗେଇଲୁ । ଇନିସ୍‌ପେକ୍ଟରଙ୍କ ମନରେ ବିଶ୍ୱାସ ଜନ୍ମିଲା ଭଳି, ଯିବା ପୂର୍ବରୁ ମୁଁ ଦ୍ୱାରା ଦେଶରେ ବାହାରୁ ତାଲା ଝୁଲାଇ ଦେଲି, ଯେମିତି କି ଭିତରେ କେହି ନାହାନ୍ତି, ଏଠାରେ କେବଳ ମୁଁ ଏକୁଟିଆ ରହେ । ସଂପୂର୍ଣ୍ଣ ଏକୁଟିଆ... ।

ସେଦିନ ଜୀବନରେ ପ୍ରଥମ ଥର ପାଇଁ ମୁଁ ମିଥ୍ୟା କଥା କହିଥିଲି । ପୁଣି ଜଣେ ପୋଲିସ୍ ଇନିସ୍‌ପେକ୍ଟରଙ୍କ ସମ୍ମୁଖରେ । ମୋ ଭଳି ଜଣେ ନିଷ୍କପଟ କଳାକାର ଯେ ମିଥ୍ୟା କହିପାରେ, ଏକଥା ଇନିସ୍‌ପେକ୍ଟର କାହିଁକି ବା ଧାରଣା କରିବେ । ସେ କୌଣସି ସନ୍ଦେହ ନକରି ମୋ ସହିତ ଅନ୍ୟମାନଙ୍କୁ ଧରି ସେଇ ବିଶ୍ରାମାଗାର ଉଦ୍ଦେଶ୍ୟରେ ବାହାରି ପଡ଼ିଲେ... ।

କିନ୍ତୁ, ମୋର ଭୟ ଥିଲା ସେଇ ମଦ୍ୟପ ଯୁବକ ତିନିଜଣଙ୍କ ଉପରେ । ଆମମାନଙ୍କ ସହିତ ଚାଲିଲା

ବେଳେ ପରସ୍ପର ଭିତରେ କିଛି ଆଲୋଚନା କରୁଥିଲେ ସେମାନେ ।

ଆମେ ସମସ୍ତେ ଯାଇ ବିଶ୍ରାମଗାର ନିକଟରେ ଉପସ୍ଥିତ ହେଲୁ...

କିନ୍ତୁ ତାହା ଶୂନ୍ୟ ପଡ଼ିଥିଲା । ଶୂନ୍ୟ ରହିବା ମଧ୍ୟ ସ୍ୱାଭାବିକ । କାରଣ ତାହା ମୋର କପୋଳକଳ୍ପିତ କାହାଣୀ ଥିଲା, ବାସ୍ତବ ନୁହେଁ ତଥାପି ଇନସ୍‌ପେକ୍ଟର ମହାପାତ୍ର ନିଜ ସହିତ ନେଇଥିବା କନେଷ୍ଟବଲଙ୍କ ସହିତ ମିଶି ଆଖପାଖ ଅଞ୍ଚଳ ଭଲଭାବେ ପରୀକ୍ଷା ନିରୀକ୍ଷା କରିନେଲେ ।

କିନ୍ତୁ ରିକ୍ତ ହସ୍ତରେ ସେମାନଙ୍କୁ ସେଠାରୁ ଫେରି ଆସିବାକୁ ହେଲା ।

ହୁଏତ ସେଇଠି ତଦନ୍ତ କାର୍ଯ୍ୟକ୍ରମ ସମାପ୍ତ ହୋଇଥାନ୍ତା । କିନ୍ତୁ ମୋ ପାଇଁ ଆହୁରି ପରୀକ୍ଷା ବାକି ରହିଯାଇଥିଲା । ଇନିସ୍‌ପେକ୍ଟରଙ୍କୁ ଯେଉଁ ମଦ୍ୟପ ଯୁବକ ତିନିଜଣ ପଥ କଢ଼ାଇ ଏତେବାଟ ନେଇ ଆସିଥିଲେ

ମୋ ପାଖକୁ, ସେଇମାନେ ଏହା ଭିତରେ କି ସିଦ୍ଧାନ୍ତ ନେଇ ସାରିଥିଲେ କେଜାଣି, ହଠାତ୍ ଚିତ୍କାର କରି ଉଠିଲେ...

: ଇନିସ୍‌ପେକ୍ଟର ସାହେବ୍ । ଆପଣ ଅସଲ ସ୍ଥାନ ଛାଡ଼ି ଦେଇ ବେକାର ପରିଶ୍ରମ କରି ଏଠି ସେଠି ଖୋଜି ବୁଲୁଛନ୍ତି, ଆଉ ଅପରାଧିକୁ ସୁଯୋଗ ଦେଉଛନ୍ତି ଖସି ଚାଲିଯିବା ପାଇଁ । ଶେଠଜୀଙ୍କ ହତ୍ୟା ପରେ ପରେ ଆମ ଲୋକ ଗଳି ଭିତରେ ସବୁଆଡ଼େ ବିଛାଡ଼ି ହୋଇ ରହିଛନ୍ତି । ଆମେ ଭଲଭାବରେ ଜାଣୁ ସେ ଯୁବତୀ ଏ ଦିଗକୁ ଆଦୌ ଆସିନାହିଁ... ଆପଣଙ୍କୁ ଆମେ ଯେଉଁ ଠିକଣା ଦେଇଥିଲୁ, ଆପଣ ସେ ସ୍ଥାନ ଛାଡ଼ି ଦେଇ ଅଯଥା ସମୟ ନଷ୍ଟ କରୁଛନ୍ତି ।

: ତା'ମାନେ ତୁମେମାନେ କହିବାକୁ ଚାହଁ ବିଜୟ ଦାସ ନିଜ ଗୃହରେ ଉକ୍ତ ଯୁବତୀକୁ ଲୁଚାଇ ରଖିଛନ୍ତି, ଅଥଚ ମତେ ନାଟକୀୟ ଅଭିନୟ ଦେଖାଇ ପ୍ରତାରଣା କରୁଛନ୍ତି ।

ଇନିସ୍‌ପେକ୍ଟର ଉତ୍ତେଜିତ କଣ୍ଠରେ କହିଲେ...

ହଠାତ୍ ମୋ ଶରୀରରେ ସମସ୍ତ ରକ୍ତ ପାଣି ଫାଟିଗଲା ପରି ମନେହେଲା । ତଥାପି ମୁଁ ମୁହଁ ଟାଣ କରି, ଉକ୍ତ ମଦ୍ୟପ ଯୁବକମାନଙ୍କୁ କିଛି ମନ୍ତବ୍ୟ ଦେବାକୁ ଚେଷ୍ଟା କରୁଥିଲି...ତା' ପୂର୍ବରୁ ଇନିସ୍‌ପେକ୍ଟର ମହାପାତ୍ର କହି ଉଠିଲେ...

: ବିଜୟବାବୁ । ମୁଁ ଭଲଭାବେ ଜାଣେ ଆପଣ ମିଥ୍ୟା କହି ନାହାନ୍ତି । ତଥାପି ସେମାନେ ଅଭିଯୋଗ କରୁଛନ୍ତି ଯେତେବେଳେ ଆପଣଙ୍କ ବାସଗୃହଟା...ସେମାନଙ୍କ ଉପସ୍ଥିତିରେ ଥରେ ଦେଖିନେଲେ କ୍ଷତି କ'ଣ ? ହୁଏତ ଆପଣଙ୍କ ଶୟନ ଅବସ୍ଥାରେ ଯୁବତୀଟି ଆତ୍ମରକ୍ଷା ପାଇଁ କୌଣସି ରାସ୍ତା ଦେଇ ଭିତରେ ପଶିଯାଇ ପାରିଥାଏ...

: ଘର ଭିତରେ ପଶିବା ପାଇଁ ସେଠାରେ ମାତ୍ର ଗୋଟାଏ ଦ୍ୱାର । ଆଉ ତାହା ମଧ୍ୟ ମୁଁ ଶୋଇବାବେଳେ ଭିତର ପଟକୁ ଲକ୍ କରିଥିବାବେଳେ...

; ଓ ହୋ...ତଥାପି...ଏହି ଅଭିଯୋଗକାରୀମାନଙ୍କ ଅଭିଯୋଗକୁ ମିଥ୍ୟାବୋଲି ତ ଥରେ ପ୍ରମାଣିତ କରିବାକୁ ହେବ ?

: କିନ୍ତୁ ଏହାଦ୍ୱାରା ମୋର ଆତ୍ମସମ୍ମାନ ଉପରେ ବାଧା ଆସିବ ନାହିଁକି ? ପାଖ ପଡ଼ୋଶୀ ସମସ୍ତେ ଜାଣନ୍ତି ମୁଁ ଏକ ଭଦ୍ର, ଶାନ୍ତ ସରଳ କଳାକାର । ମୋ ଘର ଯଦି ସର୍ଚ୍ଚ କରାଯାଏ, ତେବେ ସେମାନଙ୍କର ମୋ ପ୍ରତି କି ଧାରଣା ହେବ ଆପଣ ଚିନ୍ତାକରିଛନ୍ତି ଇନିସ୍‌ପେକ୍ଟର...ମୁଁ ରୁକ୍ଷ କଣ୍ଠରେ କହିଲି ।

: ନିଶ୍ଚୟ ! ଯଦି ଆପଣଙ୍କ କଥା ସତ୍ୟ ହୁଏ ଆଉ ଏମାନଙ୍କ କଥା ମିଥ୍ୟା ପ୍ରମାଣିତ ହୁଏ, ତେବେ ମୁଁ ଏ ଯୁବକ ତିନିଜଣଙ୍କ ଠାରୁ ଏକ୍‌ସପ୍ଲାନେସନ୍ ତଲବ କରିବି । ଆପଣ ମଧ୍ୟ ମାନହାନୀ ମକଦ୍ଦମା କରି ମୋଟା ଅଙ୍କର ଅର୍ଥ ଡିମାଣ୍ଡ କରିପାରନ୍ତି ।

ମୋର ଆଉ କୌଣସି ଆପତ୍ତି କରିବାର ଉପାୟ ନଥିଲା ।

ଏଥର ପୋଲିସ୍ ମୋ ବସାଆଡ଼େ ଆଗେଇବାକୁ ଲାଗିଲେ । ଅଗତ୍ୟା ଅନିଚ୍ଛାସତ୍ତ୍ୱେ ମୋତେ ସେମାନଙ୍କୁ ସହଯୋଗ କରିବାକୁ ପଡ଼ିଲା । ଦ୍ୱାର ଲକ୍ କରି ନଥିଲେ ହୁଏତ ସୁନିତା ଆମମାନଙ୍କ ଅନୁପସ୍ଥିତରେ ଖସି

ଚାଲିଯାଇ ପାରିଥାନ୍ତା । କିନ୍ତୁ ମୁଁ ପୋଲିସବାଲଙ୍କ ଠାରେ ବିଶ୍ୱାସ ଜନ୍ମାଇବାକୁ ବାହାରପଟୁ ତାଲାଦେଇ ଚାଲିଯାଇଥିଲି । ମୋର ଦୁର୍ଭାଗ୍ୟ । ଏକ ନିଶ୍ଚିତ ବିପଦ ମତେ ଆହ୍ୱାନ କରୁଥିଲା । ମନ ମଧ୍ୟରେ ଶତଚେଷ୍ଟା କରି ମଧ୍ୟ ମୁଁ କୌଣସି ଉପାୟ ଖୋଜି ପାଉନଥିଲି ।

ମୋର ଆତ୍ମସମ୍ମାନ ଓ ସୁନିତାର ଜୀବନ, ଦୁଇଟିଯାକ ଅବସ୍ଥାର ଫଳାଫଳକୁ ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କ ହାତରେ ଛାଡ଼ିଦେବା ବ୍ୟତିତ ଅନ୍ୟକିଛି ଉପାୟ ନଥିଲା ।

ସମସ୍ତେ ଏକ ସଙ୍ଗରେ ଆସି ମୋ ଘରର ଦରଜା ସମ୍ମୁଖରେ ଦଣ୍ଡାୟମାନ ହେଲେ ।

ଅନନ୍ୟୋପାୟ ହୋଇ ମୁଁ ଶଙ୍କିତ ମନରେ ଗବାକ୍ଷ ଉନ୍ମୁକ୍ତ କଲି ।

ପ୍ରଥମେ, ଘର ଭିତରକୁ ପ୍ରବେଶ କରବାକୁ ଇନିସ୍‌ପେକ୍ଟର ମୋତେ ନିର୍ଦ୍ଦେଶ ଦେଲେ ।

କୌଣସି ପ୍ରତିକ୍ରିୟା ପ୍ରକାଶ ନକରି ମୁଁ ଭିତରେ ପ୍ରବେଶ କଲି । ମୋ ପଛରେ ଇନିସ୍‌ପେକ୍ଟର. ମହାପାତ୍ର ।

ମୁଁ ସୁଇଚ୍ ଅନ୍ କରି ଆଲୋକ ଜଳାଇଲି । ପରକ୍ଷଣରେ ମନେ ମନେ...ଏକ ଅସ୍ପଷ୍ଟ ଗୁଞ୍ଜନ କଲି- "ହେ ଭଗବାନ । ମୋ ସୁନିତାକୁ ଏ ବିପଦରୁ ରକ୍ଷାକର ।"

ପ୍ରଥମେ ପଲଙ୍କ ଉପରକୁ ଦୃଷ୍ଟି ନିକ୍ଷେପ କରି ନିଜ ଚକ୍ଷୁକୁ ବିଶ୍ୱାସ କରିପାରିଲି ନାହିଁ ।

ମୋର ମତିଭ୍ରମ ହୋଇନାହିଁ ତ ? ଦୁଇ ହାତରେ ଆଖି ମଳି ଆଉଥରେ ଭଲଭାବେ ନିରୀକ୍ଷଣ କଲି । ନା, ଭ୍ରମ ନୁହେଁ ବାସ୍ତବ, ସତ୍ୟ...ଆଖିରେ ଦେଖିବା ଅବସ୍ଥାକୁ ଅସତ୍ୟ ବୋଲି କୁହାଯିବ କିପରି ?

ମୋ ଶୟନ କକ୍ଷ ଶୂନ୍ୟ ଥିଲା...

ସୁନିତାର କୌଣସି ଗନ୍ଧ ବି ନଥିଲା ସେଠାରେ । ସେଇ ମୁହୂର୍ତ୍ତରେ ମୁଁ ଅନୁଭବ କଲି, ବାସ୍ତବିକ ଏ ଦୁନିଆରେ ଭଗବାନଙ୍କର କିଛି ଗୋଟାଏ ସତ୍ତା ଅଛି । ମୋରି ପରି ସରଳ ନିଷ୍କପଟ ମଣିଷମାନଙ୍କୁ ବିପଦ ବେଳରେ ସେ ଆସି ସାହା ହୋଇଥାନ୍ତି ।

ଆଉ ମଧ୍ୟ ତାର ପ୍ରେମ ଅତି ପବିତ୍ର, ସ୍ୱର୍ଗୀୟ । ସେ କେବଳ ଏକ ସାହସୀ ଯୁବତୀ ନୁହେଁ, ଅତି ଚତୁରୀ ମଧ୍ୟ । ସେ ବୋଧହୁଏ ଜାଣିପାରିଥିଲା ପୋଲିସମାନଙ୍କ ଆଗମନ, ସେ ବୁଝିପାରିଥିଲା, ତାକୁ କେନ୍ଦ୍ର କରି ମୁଁ କିଭଳି ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଛି, ଏଣୁ ସାମାନ୍ୟ ସୁଯୋଗର ସଦ୍‌ବ୍ୟବହାର କରି ପଳାୟନ କରିବା ଉଚିତ୍ ମନେ କରିଛି ।

କିନ୍ତୁ, ବାହାର ପଟୁ ଦରଜା ଲକ୍ ହୋଇଥିବା ବେଳେ ସେ ବାହାରକୁ ଗଲା କେଉଁ ରାସ୍ତାରେ... ?

ପରକ୍ଷଣରେ ମୋର ମନେପଡ଼ିଲା, ଗୃହର ପଛ ଭାଗରେ ଗୋଟାଏ କବାଟ ଅଛି । ସମ୍ଭବତଃ ସେହି ରାସ୍ତାର ସଦ୍‌ବ୍ୟବହାର କରି, ସେଇବାଟ ଦେଇ ସୁନିତା ପଳାୟନ କରିଛି ।

ମତେ ଅସୁବିଧାରେ ନ ପକାଇବା ପାଇଁ ସେ ଯେମିତି...ଦେଖା ଦେଇଥିଲା...ଠିକ୍ ସେମିତି ହଜି ଯାଇଛି...

ଏଥର ମନରେ ସାହାସ ସଞ୍ଚୟ କରି ଶୁଷ୍କ କଣ୍ଠରେ ମୁଁ କହିଲି : ଆପଣ ବର୍ତ୍ତମାନ ସନ୍ତୁଷ୍ଟ ହେଲେ ତ ଇନିସ୍‌ପେକ୍ଟର ?

ଇନିସ୍‌ପେକ୍ଟର ମୋ ହାତ ଦୁଇଟିକୁ ଧରି ପକାଇ, ଅନୁତପ୍ତ କଣ୍ଠରେ କହି ଉଠିଲେ : ମୋତେ କ୍ଷମା କରନ୍ତୁ ବିଜୟବାବୁ । ମୁଁ ଜାଣେ ଆପଣ କିଏ ଏବଂ କ'ଣ...ତଥାପି ଜଣେ ପୋଲିସ ଅଫିସର ଭାବରେ ମତେ ମୋ କର୍ତ୍ତବ୍ୟ କରିବାକୁ ପଡ଼ିବ, ଜନମତକୁ ଗ୍ରହଣ କରିବାକୁ ହେବ । ତଥାପି ମୁଁ କଥା ଦେଉଛି, ଯେଉଁମାନେ ଆପଣଙ୍କୁ ଅପମାନିତ କରିଛନ୍ତି, ଆପଣଙ୍କ ଘର ସର୍ଚ୍ଚ କରାଇ ଆପଣଙ୍କ ଆତ୍ମସମ୍ମାନରେ ଆଞ୍ଚ ଆଣିଛନ୍ତି, ସେମାନଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ନିଶ୍ଚୟ ଗ୍ରହଣ କରାଯିବ...

ଇନିସ୍‌ପେକ୍ଟରଙ୍କ ସ୍ୱଗତୋକ୍ତି ଶୁଣି ସେଇ ଯୁବକ ତିନିଜଣଙ୍କ ଚକ୍ଷୁରେ ହିଂସାଭାବ ଫୁଟି ଉଠିଲା । କାରଣ

Digitized by :-
Deb's Library Corner...

'ସେମାନେ' ଆଉ 'ମୋ' ଭିତରେ ଯେଉଁ ଅନ୍ଧପୁଟୁଳି ଲୁଚକାଳି ଖେଳ ଚାଲିଥିଲା, ମୁଁ ସେଥିରେ ଜିତିଗଲି ଆଉ ସେମାନେ ହାରିଗଲେ ।

କିନ୍ତୁ ସେମାନେ ଯାହା ସ୍ୱଚକ୍ଷୁରେ ଦେଖିଛନ୍ତି, ଅନୁସରଣ କରି ଏତେବାଟ ଆସିଛନ୍ତ, ତାହା ଏତେ ଶୀଘ୍ର ଭୁଲିଯିବେ କେମିତି ? ଯାହା କଳ୍ପନା ନୁହେଁ, ବାସ୍ତବ ସତ୍ୟ, କେମିତି ସେ ମାନିନେବେ ତା'ହା ଅବାସ୍ତବ, ମିଥ୍ୟା ବୋଲି । ସେମାନଙ୍କ ସତ୍ୟ କ'ଣ ହଜିଗଲା ମିଛ ଆଖିରେ... ?

ସେ ତିନିଜଣଙ୍କର ଛଅଗୋଟି କୁରାଳ ଚକ୍ରାକୃତି ଆଖି କିନ୍ତୁ ଘୁରି ଆସୁଥିଲା ମୋ ବାସଗୃହର ଚତୁର୍ଦ୍ଦିଗରେ...

ହଠାତ୍ ଜଣେ କାଳ ଛଞ୍ଚାଣ ଭଳି ଝାମ୍ପମାରି ମୋ ପଲଙ୍କ ଉପରୁ ଦୁଇଟି ଭଙ୍ଗା ଚୁଡ଼ି ଉଠାଇ ଆଣିଲା...

ଚୁଡ଼ି କହିଲେ ତାହା ଠିକ୍ ହେବ ନାହିଁ । ଦୁଇପଟ ଚୁଡ଼ି ଆକୃତିର ଲାଲ ଶଙ୍ଖା...

ସେ ଭଙ୍ଗା ଶଙ୍ଖା ଦୁଇପଟ ଥିଲା ସୁନିତାର ହାତର । ମୋ ପାଖରେ ସଂପୂର୍ଣ୍ଣ ହାରିଯିବା ପରେ ନିତା ଚାହୁଁଥିଲା ମୋର ପତ୍ନୀ ହେବା ପାଇଁ । ସେଇଥିପାଇଁ ବଧୂବେଶ ସାଜିଥିଲା...ଚୁଡ଼ି ପିନ୍ଧିଥିଲା...ଶଙ୍ଖା ମଧ୍ୟ ପିନ୍ଧିଥିଲା...

ହଠାତ୍ ଚିତ୍କାର କରି ଉଠିଲା ସେଇ ମଦ୍ୟପ ଯୁବକ...

: ଇନିସ୍‌ପେକ୍ଟର !! ସେହି ଯୁବତୀ ଯଦି ଏଠାକୁ ଆସିନଥିଲା, ତେବେ ମାହାମାନ୍ୟ ବିଜୟ ଦାସଙ୍କ ଶଯ୍ୟା ଉପରକୁ ଏ ଶଙ୍ଖା ଆସିଲା କେଉଁଠୁ ? ଆଉ ଏହା ଭାଙ୍ଗିଲା ମଧ୍ୟ କେମିତି ?

ଆଉ ସେତିକିବେଳେ ସେ ଯୁବକର ଅନ୍ୟ ଏକ ବନ୍ଧୁ ମୋ ପଲଙ୍କ ଉପରକୁ ନଇଁପଡ଼ି ନାକ ସାକୁ ସାକୁ କରି, କୁକୁର ଭଳି ଆଘ୍ରାଣ କରି ଚାଲିଥିଲା...

ଅତି ବିଦ୍ରୂପଭରା କଣ୍ଠରେ ସେ କହିଲା...

: ଇନିସ୍‌ପେକ୍ଟର !! ବିଜୟ ଦାସଙ୍କ ଶଯ୍ୟାରୁ ଯେଉଁ ମିଠାମିଠା ସଦ୍ୟ ସତେଜ ବାସ୍ନା ଭାସି ଆସୁଛି...ଏଇ ସେହି ଶଙ୍ଖାବାଲୀ ସୁନ୍ଦରୀର...

ପଶା ପାଲି ଓଲଟି ଯିବା ଦେଖି ତୃତୀୟ ଯୁବକ ଜଣକ ଆଉ ସ୍ଥିର ହୋଇ ରହିପାରିଲା ନାହିଁ । ଅନ୍ୟ ଦୁଇ ବନ୍ଧୁଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଆଗେଇ ଆସିଲା ।

ତା' ହାତରେ ଥିଲା ଗୋଟାଏ ସୁନ୍ଦର...କୋମଳ...ରେଶମୀ ଲମ୍ବା କେଶ...

: ଏଇ ଦେଖନ୍ତୁ ଇନିସ୍‌ପେକ୍ଟର ! ଇଏ ସେହି କେଶବତୀ କନ୍ୟାର...ଲମ୍ବା କେଶ...ଯଦି ସେ ଏଠାକୁ ଆସିନଥିଲା, ତେବେ ଏ ବେଡ୍ ଉପରକୁ ଏ କେଶ ଆସିଲା କେଉଁଠୁ ? ଧନ୍ୟ, ଧନ୍ୟ ତୁମେ ପ୍ରେମମୟୀ ରାଧୀକା...ଧନ୍ୟ ତୁମ ହୃଦୟ... ଗୋଟାଏ ମନୁଷ୍ୟକୁ ହତ୍ୟାକରି ସାରିବା ପରେ ଆଉ ଗୋଟାଏ ମନୁଷ୍ୟକୁ ପ୍ରେମର ମଧୁର ରସ ପିଆଇ, ମେଘନାଦ ପାଚେରୀ ଡେଇଁ ବେଶ୍ ଆରାମରେ ଚାଲିଗଲ... ।

ଇନିସ୍‌ପେକ୍ଟର ନୀରବ ଥିଲେ । କିଛି ଭାବୁଥିଲେ ବୋଧହୁଏ ।

ମୁଁ ପୁଣିଥରେ ଆଶା ହରାଇ ବସିଲି । ସେମାନେ ଏଥର ଏକ ଶକ୍ତିଶାଳୀ ଜାଲ ମୋ ଉପରକୁ ଫିଙ୍ଗି ଦେଇଛନ୍ତି । ସେ ଜାଲର ବନ୍ଧନ ଅତି ଶକ୍ତ...କଠିନ... ।

ସ୍ପଷ୍ଟଭାବେ ମୁଁ ଜାଣେ, ମୋ ଶଯ୍ୟାରେ ପଡ଼ିଥିବା ଶଙ୍ଖା କାହାର । ସୁନିତା ପିନ୍ଧିଥିବା ଶାଢ଼ୀର ଉତ୍କଟ ଏସେନ୍‌ସ ଗନ୍ଧ ଏବେ ସୁଦ୍ଧା ମୁଁ ନିଜେ ଅନୁଭବ କରିପାରୁଥିଲି । ମୋ କୋଳରେ ଶୋଇଥିବା ବେଳେ ହୁଏତ ତା' ମଥାରୁ ଗୋଟିଏ ସୁନ୍ଦର...ମୁଲାୟମ କେଶ ଛିଣ୍ଡି ଯାଇଛି...

ଇନିସ୍‌ପେକ୍ଟର ମତେ ଘୁରି ଚାହିଁଲେ । ତାଙ୍କ ଚକ୍ଷୁରେ ଭରି ରହିଥିଲା ସନ୍ଦେହ ।

ମୁଁ ଖୁବ୍ ଗମ୍ଭୀର କଣ୍ଠରେ କହିଲି, ଇନିସ୍‌ପେକ୍ଟର ସାହେବ ! ମୁଁ ଜଣେ କଳାକର...ସଂସ୍କୃତି ଓ କଳାର ସାଧକ । ସମାଜରେ ମୋର ପ୍ରତିଷ୍ଠା ଅଛି...ଆତ୍ମ ମର୍ଯ୍ୟାଦା ଅଛି । କବି, ଲେଖକ, ଅଭିନେତା, ଶିଳ୍ପୀ ଏମାନଙ୍କ ଶଯ୍ୟାରୁ ଭଙ୍ଗା ଚୁଡ଼ି, ଅଲରା

କେଶଗୁଚ୍ଛ...ଏସେନ୍‌ସ୍‌ର ବାସ୍ନା । ...ଏସବୁ ମିଳିବା କିଛି ବିଚିତ୍ର ନୁହେଁ...ଯୁକ୍ତିହୀନ ମଧ୍ୟ ନୁହେଁ । ଯଦି ହୁଏ ତେବେ ଆପଣଙ୍କ ଆଇନ, କାଳିଦାସ, ଉପେନ୍ଦ୍ର ଭଞ୍ଜ...ସାମନ୍ତ ସିଂହାର...ମାନସିଂହ...ଏମାନଙ୍କୁ ଦଣ୍ଡ ଦେଲାନାହିଁ କାହିଁକି ?

ମୋର ସାନିଧ୍ୟ ଲାଭ କରିବା ପାଇଁ ଇଚ୍ଛାକୃତ ଭାବେ ମୋ ବସାକୁ ଅନେକ ଯୁବତୀ ଆସନ୍ତି, ଘଣ୍ଟାଏ ଦୁଇଘଣ୍ଟା ରହି ପୁଣି ଚାଲି ଯାଆନ୍ତି । କେହି କେହିବା ସାରାଦିନ ଏଠାରେ ରହିଯାଆନ୍ତି । ସେମାନେ ମୋର ବାନ୍ଧବୀ...ସେମାନେ ମୋର ପ୍ରେମିକା... । ଆପଣଙ୍କର ଆଇନ କ'ଣ ଆମକୁ ପ୍ରେମ କରିବାର ଅଧିକାର ଦେବ ନାହିଁ... ?

ଯୁବକ ତିନିଜଣ ଏକ ସଙ୍ଗରେ କିଛି ଗୋଟାଏ ବିଦ୍ରୁପଭରା ଇଙ୍ଗିତ ଦେବାକୁ ଚେଷ୍ଟା କରୁଥିଲେ ବୋଧହୁଏ । କିନ୍ତୁ ତା'ପୂର୍ବରୁ ଇନିସ୍‌ପେକ୍ଟର ମହାପାତ୍ର ଗର୍ଜନ କରି ଉଠିଲେ...

ତୁମେ ତିନିଜଣ ସେ ଯୁବତୀର ସହଯୋଗୀ । ଗୋଟିଏ ଭୁଲ ରିପୋର୍ଟ ଦେଇ ଆମକୁ ଏଠାକୁ ନେଇ

ଆସି, ତୁମେମାନେ ତାକୁ ଖସିଯିବା ପାଇଁ ସୁଯୋଗ ଦେଇଛ । କାହିଁ କେଉଁଠି ଲୁଚି ରହିଛି ସେ ହତ୍ୟାକାରିଣୀ ?

ବିଜୟବାବୁଙ୍କ ବେଡ୍‌ର ଶଙ୍ଖା ଆଉ କେଶ ସହିତ ତୁମର କୌଣସି ସମ୍ପର୍କ ନାହିଁ । ତାହା ଅନ୍ୟ କୌଣସି ଯୁବତୀର ହୋଇ ଥାଇପାରେ । ତୁମେ ଯେଉଁ ଯୁବତୀର ବର୍ଣ୍ଣନା ଦେଇଛ, ତା' ଶରୀରରେ ସ୍କର୍ଟ ଥିଲା...ଶାଢ଼ୀ କିମ୍ବା ଶଙ୍ଖା ନଥିଲା... । ସ୍କର୍ଟ ପିନ୍ଧା ଯୁବତୀ ହଠାତ୍ ଶଙ୍ଖାସିନ୍ଦୁର ପିନ୍ଧିବାକୁ ଆଦୌ ପସନ୍ଦ କରିବ ନାହିଁ । ଯଦି ସେ ବିବାହିତା ନାରୀ ହୋଇଥାଏ, ତେବେ ସେ ଜଣେ ଲୋକୁ ହତ୍ୟାକରି ଧାଇଁ ଆସିଥିବା ବେଳେ, ଦେହରେ ରକ୍ତ ବୋଲି ନହୋଇ, ଏସେନ୍‌ସ ବୋଲି ହେବ କାହିଁକି ? ଆଉ କିପରି ? ଏସବୁ ସଜେଇ ହେବାପାଇଁ ସେ ସମୟ ବା ପାଇଲା କେତେବେଳେ ?

ତୁମେମାନେ ମତେ ଭୁଲ ମାର୍ଗରେ ପରିଚାଳିତ କରି ସେ ଅପରାଧୀନୀ ଯୁବତୀକୁ ଫେରାର ହେବା ପାଇଁ ସହଯୋଗ କରିଛ । ଏଣୁ ସେହି ଅପରାଧରେ ମୁଁ

ତୁମ୍ଭମାନଙ୍କୁ ଗିରଫ କଲି । ହତ୍ୟାକାରିଣୀର ସନ୍ଧାନ ନ ପାଇବା ପର୍ଯ୍ୟନ୍ତ ତୁମେମାନେ ଥାନାରେ ଅଟକ ରହିବ...

ଇନିସ୍‌ପେକ୍ଟର ମହାପାତ୍ର ନିଜ ଆଦେଶରେ ପକ୍‌କା ଥିଲେ । ସେ ଯୁବକ ତିନିଜଣଙ୍କର କୌଣସି ଯୁକ୍ତିକୁ କର୍ଣ୍ଣପାତ ନକରି, ହ୍ୟାଣ୍ଡକପଖ ଲଗାଇବା ପାଇଁ କନେଷ୍ଟବଲ ଦ୍ୱୟଙ୍କୁ ଆଦେଶ ଦେଲେ ।

ମୋର ଆତ୍ମା ପବିତ୍ର ଥିଲା । ମୁଁ କିଛି ଭଲକାମ କରିବାକୁ ଯାଉଥିଲି । ଏଣୁ ଈଶ୍ୱର ମୋତେ ଏ କ୍ଷେତ୍ରରେ ସାହାଯ୍ୟ କଲେ । ମୋର ଜୟଲାଭ ହେଲା ।

ପ୍ରକୃତରେ ଯୁବକ ତିନିଜଣ ଶୋଭନ ଲାଲଙ୍କ ମୃତ୍ୟୁପାଇଁ ଚିନ୍ତିତ ନଥିଲେ । ଅସଲ କଥା ହେଲା, ସେମାନେ ସୁନିତାକୁ ଉପଭୋଗ କରିବା ପାଇଁ ଚାହୁଁଥିଲେ, କିନ୍ତୁ ପାରିଲେ ନାହିଁ । ନିତା ଯଦି ସେମାନଙ୍କ ହାତରେ ନିଜକୁ ଧରାଦେଇଥାନ୍ତା, ସେମାନେ ପୋଲିସ୍‌କୁ ଇନ୍‌ଫରମେସନ୍ ଦେବା ବଦଳରେ ତାକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଥାନ୍ତେ ।

ମତେ କ୍ଷମା ମାଗି, ଇନିସ୍‌ପେକ୍ଟର ମହାପାତ୍ର ସେ, ମଦ୍ୟପ ଯୁବକ ତିନିଜଣଙ୍କୁ ଧରି ଫେରି ଯାଉଥିଲେ, ମୁଁ ପଛରୁ ଡାକିଲି-

: ଇନିସ୍‌ପେକ୍ଟର ! ଆପଣ ହତ୍ୟାକାରିଣୀର ସନ୍ଧାନ ପାଆନ୍ତୁ ଅଥବା ନପାଆନ୍ତୁ, ଏ ଯୁବକ ତିନିଜଣଙ୍କୁ ଛାଡ଼ିଦେବେ । ସେମାନେ ହୁଏତ ସେ ଯୁବତୀକୁ ଏଇ ଆଖପାଖ ଅଞ୍ଚଳରେ ଦେଖିଥାଇ ପାରନ୍ତି । କିନ୍ତୁ, ତାଙ୍କର ଦୁର୍ଭାଗ୍ୟ ଯେ, ଯୁବତୀଟି ଖସି ଯାଇଛି ।

ଇନିସ୍‌ପେକ୍ଟର ଫେରିଆସି, ମୋ କାନ୍ଧରେ ହାତ ରଖି କହିଲେ...

: ମୁଁ ଜାଣେ ବିଜୟବାବୁ । ଜଣେ କଳାକାର ତା ଜୀବନ କାଳ ଭିତରେ କେବେହେଲେ କାହାର ଅନିଷ୍ଟ ଚିନ୍ତା କରିପାରେ ନାହିଁ । ତା'ଛଡ଼ା ମୋର ବିଶ୍ୱାସ ଯେ ଯୁବତୀ ମୋ ଆଖିରୁ କେବେବି ଖସିଯାଇ ପାରିବ ନାହିଁ । ସେ ଠିକ୍ ସମୟରେ ଆତ୍ମପ୍ରକାଶ କରିବ । କାରଣ ଯାହାର ମନୋବଳ ଏତେ ଦୃଢ଼, ସେ କେବେହେଲେ ପରଦା ଆଢୁଆଳରେ ଲୁଚି ରହି ପାରେନା ।

ଶେଠ୍ ଶୋଭନ ଲାଲଙ୍କୁ ସେ ନିଜର ଇଜ୍ଜତ ରକ୍ଷା କରିବା ଉଦ୍ଦେଶ୍ୟରେ ହତ୍ୟା କରିଛି । କାନୁନ ତାକୁ ନ୍ୟାୟ ଦେବ । ସେ ନିଜେ ଆସି ବର୍ଣ୍ଣନା କରବା ତା' ଜୀବନର କା!ହାଣୀ । କାହିଁକି ସେ ଏପରି ଜଘନ୍ୟ ନରହତ୍ୟା ଅପରାଧ କଲା । ଜଣେ ସବଳ...ପୁରୁଷକୁ ସେ ଜଣେ ଦୁର୍ବଳା ନାରୀ ହୋଇ କିପରି ବା ହତ୍ୟାକଲା.... ।

: ତା'ର ଘୃଣା ଆପଣଙ୍କୁ ନୁହେଁ...ମତେ ନୁହେଁ...ପୋଲିସ ବା ଆଇନ କାନୁନ୍‌କୁ ନୁହେଁ...ତା'ର ଘୃଣା ଶୋଭନଲାଲଙ୍କୁ, ମଦ୍ୟପ ଅସାମାଜିକ ଯୁବକମାନଙ୍କୁ, ଏଇ ସମାଜର ନାରୀ ମାଂସଲୋଭୀ ଦଲାଲମାନଙ୍କୁ...

ଇନିସ୍‌ପେକ୍ଟରଙ୍କ ପ୍ରତି ଭକ୍ତିରେ ମୋ ମଥା ନଇଁ ଆସିଲା । ମୁଁ ଭାବିଲି, ଆମ ରାଜ୍ୟର ସମସ୍ତ ପୋଲିସ ଅଫିସର ଯଦି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ପରି ବୁଦ୍ଧିମାନ ଏବଂ ଚିନ୍ତାଶୀଳ ହୋଇପାରନ୍ତେ ତେବେ ଏ ରାଜ୍ୟ ରାମ ରାଜ୍ୟରେ ପରିଣତ ହୋଇ ପାରନ୍ତା ।

ଏଥର ଇନିସ୍‌ପେକ୍ଟର ଅନ୍ୟମାନଙ୍କୁ ସାଥିରେ ଧରି ଧୀରେ ଧୀରେ ଆଗେଇ ଗଲେ ।

ତାଙ୍କର ଚଲାପଥକୁ ମୁଁ ମୁଗ୍ଧ ନେତ୍ରରେ ଚାହିଁ ରହିଲି । ପୂର୍ବ ଆକାଶ ସିନ୍ଦୂରିତ ହୋଇ ଆସୁଥିଲା ସେତେବେଳକୁ ।

●

ପୂର୍ବ ରାତ୍ରୀରେ ବିନୀଦ୍ର ରଜନୀ ବିତାଇଥିଲେ ମଧ ଆଉ ଶୋଇବା ପାଇଁ ଇଚ୍ଛା ନଥିଲା । ମାନସ ଚକ୍ଷୁରେ ମୋର ନାଚି ଉଠୁଥିଲା ସେଇ ମାନସୀର ଚିତ୍ରପଟ । ସମସ୍ତଙ୍କ ଅଗୋଚରରେ କୁଆଡ଼େ ଗଲା...କେଉଁଠି ରହିଲା...ଏତେ ଅଳ୍ପ ସମୟ ଭିତରେ ସେ କେତେ ବାଟ ବା ଯାଇ ପାରିବ ?

ହଠାତ୍ ମନରେ ମୋର ସନ୍ଦେହ ଦେଖାଦେଲା...

ସୁନିତା କହୁଥିଲା, ତା'ର ଜଣେ ବିଶ୍ୱାସୀ ବନ୍ଧୁ ଅଛି ଏଇ ସହରରେ । ତେବେ ସେ କ'ଣ ତା'ରି ପାଖକୁ ଚାଲିଯାଇଛି ।

Digitized by :-
Deb's Library Corner...

ନା ଅସମ୍ଭବ । ସେ ହତ୍ୟାକାରିଣୀ ହୋଇପାରେ । କିନ୍ତୁ ମାୟାବିନୀ ନୁହେଁ...ଛଳନାମୟୀ ନୁହେଁ ।

ତା' କଥା ଚିନ୍ତାକରି ନିଜକୁ ଖୁବ୍ ଅସହାୟ ମନେକଲି ।

ମୋ ହୃଦୟରେ ଥିବା ଏକ ବିରାଟ ଶୂନ୍ୟ ଭିତରେ ଖୁବ୍ ଅଳ୍ପ ସମୟ ପାଇଁ ସୁନିତା ପଶି ଆସି ପୁଣି ବାହାରି ଚାଲିଗଲା । ସେ ଶୂନ୍ୟକୁ ସେ ହିଁ କେବଳ ପୂର୍ଣ୍ଣ କରିପାରିବ ସିନା...

କେବଳ ତା'ରି ପାଇଁ ମୁଁ ମିଥ୍ୟା କହିଥିଲି । ଈଶ୍ୱରଙ୍କ ପାଖରେ ଅନେକ ପ୍ରାର୍ଥନା କରିଥିଲି । ମୋ ପବିତ୍ର ହୃଦୟର କାତର ପ୍ରାର୍ଥନା ପ୍ରଭୁ ଶୁଣିଛନ୍ତି... କିନ୍ତୁ ସୁନିତା... ?

କେମିତି ଗୋଟାଏ ଖିଆଲରେ ମୁଁ ଟେବୁଲ ଉପରେ ଥିବା ବହିପତ୍ର, ଶେଜ ତଳ ଇତ୍ୟାଦି ଅଣ୍ଡାଳିବାରେ ଲାଗିଲି । ସୁନିତା ମୋ ପାଇଁ କିଛି ସନ୍ଦେଶ ଛାଡ଼ିଯାଇ ନାହିଁତ ?

ମୋର ଅନୁମାନ ସତ୍ୟ ଥିଲା ।

ରେଜେଇ ତଳୁ ଖଣ୍ଡିଏ ଭାଙ୍ଗକରା କାଗଜ ମିଳିଲା । ତା'ହା ସୁନିତାର ସ୍ୱହସ୍ତ ଲିଖିତ ଏକ ଚିଠି ମୋର ପ୍ୟାଡ୍ ଏବଂ କଲମରେ ତରବରରେ ମାତ୍ର କେଇଧାଡ଼ି ଲେଖିଥିଲା...

ସ୍ୱାମୀ !

ବିବାହର ମିଳନ ରଜନୀ ପରେ ପରେ, କୌଣସି ପତ୍ନୀ ତା'ର ପତିଙ୍କୁ କ'ଣ କେବେ ଛାଡ଼ି ଚାଲିଯାଇପାରେ ? ସମାଜ ଆଖିରେ ଆମର ବିବାହ ହୋଇନାହିଁ ସତ...କିନ୍ତୁ ତୁମ ହୃଦୟର କଥା ପଢ଼ିସାରିବା ପରେ ମୋ ଜୀବନର ସବୁକିଛି ମୁଁ ଅଜାଡ଼ି ଦେଇଛି ତୁମ ପାଖରେ । ଅନ୍ଧାର ରାତ୍ରୀରେ ସେଇ ସୃଷ୍ଟିକର୍ତ୍ତାଙ୍କୁ ସାକ୍ଷୀ ରଖି ମୁଁ ମାନି ନେଉଛି ତୁମେହିଁ ମୋର ଇହ ପରକାଳର ଦେବତା ! ଦେବତାର ପାଦପୂଜା କରି, ଜୀବନକୁ ସାର୍ଥକ କରିବାକୁ ଇଚ୍ଛାଥିଲେ ମଧ୍ୟ ତଥାପି ମତେ ଛାଡ଼ି ଯିବାକୁ ପଡୁଛି । ତା' ନହେଲେ ମୋ ଦେବତା ମୋ ପାଇଁ କଳଙ୍କିତ ହେବେ ।

ଗଲାବେଳେ ଗୋଟାଏ କଥା କହି ଯାଉଛି, ମୁଁ ଯେଉଁ ପୁରରେ ଥିଲେ ବି କେବଳ ତୁମର । ଶୋଭନ ଲାଲର ହତ୍ୟା ପାଇଁ ମୋ ମନରେ ଟିକିଏ ହେଲେ ବି ଗ୍ଲାନି ନାହିଁ । ମୁଁ ଜାଣେ ତୁମେ ମୋତେ ଠିକ୍ ବୁଝିଥିବ ନିଶ୍ଚୟ । ଯଦି ଅପରାଧିନୀ ସାବ୍ୟସ୍ତ ହୋଇ ଫାଶୀ ପାଏ, ତେବେ ତୁମରି ନାମ ଜପ କରି କରି ଶେଷ ନିଶ୍ୱାସ ତ୍ୟାଗ କରିବି । ଆଉ ଯଦି ମୁକ୍ତି ପାଏ, ତେବେ ଧାଇଁ ଆସିବି ତୁମ ମନ ମନ୍ଦିରରେ ଦେବଦାସୀ ସାଜି ଆରତୀ କରିବାକୁ । ମତେ ତୁମର ପାଦ ପୂଜା କରିବାର ଅଧିକାର ଦେବନା ?

॥ଇତି॥

ତୁମର ପଦ ସେବିକା

ସୁନିତା ।

ମୋ ଆଖିରୁ ଦୁଇଟୋପା ଲୁହ ଝରି ଆସିଲା ।

ଝରକା ଫାଙ୍କ ଦେଇ ସକାଳର ସୂର୍ଯ୍ୟ ମୋ ଶୟନ କକ୍ଷ ଭିତରକୁ ପଶି ଆସିବା ପାଇଁ ଆପ୍ରାଣ ଚେଷ୍ଟା

କରୁଥିଲା ସେତେବେଳେ, କିନ୍ତୁ ମୁଁ ତାକୁ ସେ ସୁଯୋଗ ଦେଲି ନାହିଁ । ମୁଁ ଚାହୁଁ ନଥିଲି ଏକ ନୂତନ ଦିବସକୁ ସ୍ୱାଗତ ଜଣାଇବା ପାଇଁ, ଚାହୁଁଥିଲି ସେହି ଅଭିନ୍ନ ଦିବସର ଅନ୍ତ ନହେଉ । ଯେଉଁ ଦିବସରେ ସୁନିତା ଭଳି ଏକ ମୂଲ୍ୟାବାନ ରତ୍ନକୁ ଗଳାରେ ଧାରଣ କରି ପୁଣି ହଜାଇ ଦେଲି...

କବାଟ ଭଲଭାବେ ବନ୍ଦ କରିଦେଲି । ଯେମିତି ଟେନାଏ ଆଲୋକ ମଧ୍ୟ ଭିତରେ ପ୍ରବେଶ କରିପାରିବ ନାହିଁ । ଆଲମିରା ଖୋଲି ବାହାର କରି ଆଣିଲି, ମୋର ଜଣେ କଳାପ୍ରେମୀ ବନ୍ଧୁ ଉପହାର ଦେଇଥିବା ବିଦେଶି ପାନୀୟ ବୋତଲଟାଏ ।

ମୁଁ ହାବିଚ୍ୟୁଏଡ୍ ଡ୍ରଙ୍କର ନୁହେଁ । ସେଦିନ କିନ୍ତୁ ପୁରା ବୋତଲଟା ଯାକ ପିଇଦେଇ ଲମ୍ବ ହୋଇ ପଡ଼ିଗଲି ପଲଙ୍କ ଉପରେ । ସୁନିତା ଶରୀରର ମିଠା ବାସ୍ନା ମୁଁ କୋଠରୀର ପ୍ରତ୍ୟେକ ଅଂଶ ବିଶେଷରେ ଅନୁଭବ କରି ପାରୁଥିଲି ।

ଖାଲି ପେଟ ହେତୁ, ନିଶା ମୋତେ ଖୁବ୍ ଶୀଘ୍ର କବଳିତ କରିନେଲା । ଆସ୍ତେ ଆସ୍ତେ ମୋର ଚେତନା ବିଲୁପ୍ତ ହୋଇ ଆସିଲା । ମୁଁ ଗାଢ଼ ନିଦ୍ରାରେ ଅଭିଭୂତ ହୋଇପଡ଼ିଲି ।

କେତେ ସମୟ ଅତିବାହିତ ହୋଇଥିଲା କେଜାଣି...ହଠାତ୍ କାହାର ସ୍ନିଗ୍ଧ ସ୍ପର୍ଶ ପାଇ ମୋର ଚେତନା ଶକ୍ତି ଆସ୍ତେ ଆସ୍ତେ ଫେରି ଆସିଲା । ଚକ୍ଷୁ ଖୋଲି ଚାହିଁଲି...

ସ୍ୱପ୍ନ ଦେଖୁ ନାହିଁତ...!!

ଭଲଭାବେ ଆଖି ମଳିଲି । ବଧୂ ବେଶରେ ମୋ ସମ୍ମୁଖରେ ଠିଆ ହୋଇଥିଲା ସୁନିତା...ସେହି ବହୁମୂଲ୍ୟ ଶାଢ଼ୀ...ଲାଲ ଚୁଡ଼ି...ମଥାରେ ସିନ୍ଦୁର...ଆଜାନୁଲମ୍ବିତ କେଶ... । ନବ୍ ହେୟାର ଖୋଲି ଦେଇଥିଲା ବୋଧହୁଏ ।

ତା'ର ସୁନ୍ଦର ମୁଖମଣ୍ଡଳ ବିଜୁଳି ଆଲୋକରେ ଉଦ୍ଭାସିତ ହୋଇ ଉଠୁଥିଲା ।

ମୁଁ ସଂପୂର୍ଣ୍ଣ ପ୍ରକୃତିସ୍ଥ ହୋଇ ସାରିଥିଲି ।

ଏ ଆଲୋକ କ'ଣ ସୁନିତା ଜାଳିଛି ? ହୁଏତ ନିଶା ଭୋଳରେ ମୁଁ ବହୁତ ସମୟ ଶୋଇଗଲି । ଶୋଇବା ପୂର୍ବରୁ ମୁଁ କବାଟ ଝରକା ସବୁ ବନ୍ଦ କରି ଦେଇଥିଲି । ତେବେ ରୁଦ୍ଧ କୋଠରୀ ଭିତରକୁ ସୁନିତା ଆସି ଆଲୋକ ଜାଳିଲା କେମିତି ?

ଏଇ ସୁନିତା କ'ଣ ଜୀବିତ ନୁହେଁ ? ଏଇଟା କ'ଣ ତା'ର ପ୍ରେତାତ୍ମା... ?

ସୁନିତା କ'ଣ ଫାଶି ପାଇଛି...ନା...ଏତେ ଶୀଘ୍ର ଫାଶି ଦେବ କିଏ ? ସେ କ'ଣ ଆତ୍ମହତ୍ୟା କରିଛି ?

ମୁଁ ଅସ୍ପଷ୍ଟ ଚିତ୍କାର କରିବାକୁ ଯାଉଥିଲି । ତା' ପୂର୍ବରୁ ମୋତେ ଖୁବ୍ ଜୋର୍‌ରେ ଜାବୁଡ଼ି ଧରିଲା ନିତା ।

ମାତ୍ର ଗୋଟିଏ ରାତି ତୁମର ସେବା କରି ମୁଁ ଯେଉଁ ପୁଣ୍ୟ ଅର୍ଜନ କରିଥିଲି, ସେ ପୁଣ୍ୟ ମୋର ସମସ୍ତ କଳଙ୍କ ଧୋଇ ଦେଇଛି ବିଜୟ । ସଂସାରର ସବୁ

ବନ୍ଧନ ଛିନ୍ନ କରି ମୁଁ ଧାଇଁ ଆସିଛି ତୁମ ପାଦ ତଳକୁ । ସେଇ ପାଦପଦ୍ମରେ ଟିକିଏ ସ୍ଥାନ ଦିଅ ସ୍ୱାମୀ । ବିଶ୍ୱାସ କର, ସେ ପାଦ ମତେ ପ୍ରହାର କଲେ ବି, ମୁଁ ତାକୁ ଚନ୍ଦନ ପରି ମଥାରେ ବୋଳିଦେବି ।

ମୋ ଆଖିରୁ ଆନନ୍ଦାଶ୍ରୁ ବହି ଆସିଲା ।

ସୁନିତାର ଆତ୍ମା ନୁହେଁ, ସ୍ୱୟଂ ସୁନିତା ମୋ ସମ୍ମୁଖରେ ଠିଆ ହୋଇଛି । କିନ୍ତୁ ମୋ ପାଟିରୁ କିଛି କଥା ବାହାରିଲା ନାହିଁ । ମୁଁ କେବଳ ତାକୁ ଚାହିଁ ରହିଲି...

: ଆରେ ! ଏମିତି ଚାହିଁ ରହିଲ କ'ଣ ? କ'ଣ ଭାବୁଛ ? ମୁଁ ନିର୍ଦ୍ଦୋଷରେ ଖଲାସ ହୋଇ ପୁଣି ତୁମ କୋଳକୁ ଫେରି ଆସିଛି । ତାହା କ'ଣ ଆମ ପାଇଁ ଆନନ୍ଦ ନୁହେଁ ? ତୁମେ କ'ଣ ମତେ ପୁଣି ଘୃଣା କରିବା ଆରମ୍ଭ କରି ଦେଇଛ ? ମୁଁ ଗୋଟାଏ ଅପରାଧୀ...ଖୁନୀ ଆସାମୀ...

ମୁଁ ସୁନିତାକୁ ଅଧିକ କହିବା ପାଇଁ ସୁଯୋଗ ନଦେଇ ଛାତି ଉପରକୁ ଟାଣି ଆଣିଲି...

: ନା...ନା...ସେମିତି କୁହନା...ମୁଁ ଏପର୍ଯ୍ୟନ୍ତ ବିଶ୍ୱାସ କରିପାରୁ ନାହିଁ, ତୁମେ ସତରେ ଫେରି ଆସିଛ...ଅଥବା ମୁଁ ସ୍ୱପ୍ନ ଦେଖୁଛି...

ସ୍ୱପ୍ନ ନୁହେଁ ବିଜୟ...ସତ୍ୟ । ଦିବାଲୋକ ପରି ସତ୍ୟ । ପଛପାଖ କବାଟ ଦେଇ ମୁଁ ଖସି ପଳାଇଲି । ତା'ପରେ ଚିନ୍ତାକଲି ଯିବି କୁଆଡ଼େ ? ଯେଉଁ ସ୍ଥାନକୁ ଗଲେ ବି ମୋର ନିରାପତ୍ତା ନାହିଁ । ତୁମର ପ୍ରେମ ମୋ ମନରେ ଯଥେଷ୍ଟ ସାହସ ସଞ୍ଚାର କରିଥିଲା । ମୁଁ ନିଜକୁ ଏକ ହତ୍ୟାକାରିଣୀ ବୋଲି ଭାବୁ ନଥିଲି...ଭାବୁଥିଲି ତୁମର ପତ୍ନୀ, ତୁମ ପତ୍ନୀର ଇଜ୍ଜତକୁ ନିରାପଦ ରଖିବା ପାଇଁ ପୋଲିସ ନିକଟରେ ଆତ୍ମସମର୍ପଣ କରିବା ଉଚିତ୍ ବୋଲି ମନେକଲି ଏବଂ ସିଧା ଚାଲିଲି ଥାନାକୁ । ମୁଁ ଚାଲିଚାଲି ଥାନାରେ ପହଞ୍ଚିଲା ବେଳକୁ ଇନିସ୍‌ପେକ୍ଟର ଜିପ୍‌ଦ୍ୱାରା ପହଞ୍ଚି ଯାଇଥିଲେ । ସେ ମୋ ମୁହଁରୁ

ସବୁକଥା ଶୁଣି, ଖୁବ୍ ସମ୍ମାନର ସହିତ ହାଜତ ଭିତରେ ଅଟକାଇ ରଖିଲେ । ଯଥା ସମ୍ଭବ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଲେ । କାରଣ ତାଙ୍କ ବିଚାରରେ ମୁଁ ଅପରାଧିନୀ ନଥିଲି । ମୋ ସ୍ଥାନରେ ଯେକୌଣସି ନାରୀ ଥିଲେ ବି ସେଇଆ କରିଥାନ୍ତା ଯାହା ମୁଁ କରିଥିଲି ।

ସାରାଦିନ ମୁଁ ହାଜତ ଭିତରେ କଟାଇଲି । ରାତ୍ରୀ ପ୍ରାୟ ସାତଟା ବେଳକୁ ଇନିସ୍‌ପେକ୍ଟର ମହାପାତ୍ର ମତେ କାରାମୁକ୍ତ କରି କହିଲେ - ତୁମେ ନିର୍ଦ୍ଦୋଷ ମିସ୍ ଦାସ୍ । ପୋଷ୍ଟମର୍ଟମ ରିପୋର୍ଟରୁ ଜଣାଗଲା, ଶୋଭନ ଲାଲ ହାର୍ଟପେସେଣ୍ଟ । ଆଉ ମଧ୍ୟ ଅତ୍ୟଧିକ ମଦ୍ୟପାନ କରି ତୁମ ଘରକୁ ଆସିଥିବା ବେଳେ ତୁମେ ପ୍ରତିଶୋଧ ପରାୟଣା ହୋଇ ତାକୁ ବସାଇ ଦେଇ ଅନ୍ୟ ରୁମ୍‌କୁ କଟୁରୀ ଆଣିବାକୁ ଗଲାବେଳେ ତା'କୁ ଆଉ ଜଣେ ଯୁବକ ସାଇଲେନ୍‌ସର ଯୁକ୍ତ ରିଭଲ୍‌ଭର୍‌ରେ ଗୁଳିକରି ହତ୍ୟାକରି ଚାଲିଯାଇଛି ।

ପ୍ରତିହିଂସାରେ ଅନ୍ଧ ହୋଇ ତୁମେ ଗୋଟାଏ ମୃତ ଶରୀରକୁ ଆଖିବୁଜି ହାଣି ପକାଇଛ । ତା'ପରେ ତାକୁ ନେଇ ରାସ୍ତାକଡ଼ ଡ୍ରେନ୍‌ରେ ପକାଇ ଦେଇ ଚାଲିଯାଇଛ । କିନ୍ତୁ ପୋଷ୍ଟମାର୍ଟମ ରିପୋର୍ଟ ମଧ୍ୟ କହେ ଶୋଭନ ଲାଲ ସେ ହତ୍ୟାକାରୀ ଯୁବକକୁ ଦେଖୁ ଦେଖୁ, ତାଙ୍କ ହାର୍ଟଫେଲ କରିଛି ଏବଂ ସେ ମୃତ୍ୟୁବରଣ କରିଛନ୍ତି । ଆଜି ବାରଟା ବେଳେ ସେ ଯୁବକ ମଧ୍ୟ ଆସି ଆତ୍ମସମର୍ପଣ କରିଛି ।

ସୌଭାଗ୍ୟକ୍ରମେ ଏ କେଶ୍ ମୁଁ ତଦନ୍ତ କରୁଛି । ଆଉ କୌଣସି ଅଫିସର ହୋଇଥିଲେ ତୁମଠାରୁ ଫାଇଦା ଉଠାଇବାକୁ ଚେଷ୍ଟା କରିଥାନ୍ତେ...ତୁମକୁ ଆଉ କିଛି ଦିନ ହାଜତରେ ଅଟକେଇ ରଖିଥାନ୍ତେ । କିନ୍ତୁ ମୁଁ ତୁମର ନାମ ପୋଲିସ୍ ଫାଇଲ ଭିତରକୁ ମଧ୍ୟ ନେଇନାହିଁ ।

ତୁମେ ଶୋଭନଲାଲକୁ ହତ୍ୟା କରିଥିଲେ ବି ମୁଁ ଆଇନ ସାଙ୍ଗରେ ତୁମ ପାଇଁ ଫାଇଟ୍ କରିଥାନ୍ତି । ତା'ଛଡ଼ା ମୁଁ ଜାଣି ସାରିଥିଲି ତୁମେ କିଏ ? ତୁମେ

Digitized by :-
Deb's Library Corner...

ବିଜୟ ଦାସଙ୍କର ପତ୍ନୀ । ବିଜୟ ଏପର୍ଯ୍ୟନ୍ତ ସୁଦ୍ଧା ଅର୍ଦ୍ଧପାଗଳ ଅବସ୍ଥାରେ ନିଜ ବସାରେ ଶୋଇ ରହିଛନ୍ତି...ବିଳମ୍ବ ନକରି ତୁମେ ତାଙ୍କ ପାଖକୁ ଯାଅ ଏବଂ ଏ ସୁସମ୍ବାଦ ଜଣାଅ ।

ତା'ପରେ ସେଇଠୁ ମୁଁ ସିଧା ଧାଇଁଛି ମୋ ପିୟତମଙ୍କ ପାଖକୁ...ସତରେ ତୁମେ ଶୋଇ ରହିଛ ! ମୁଁ ଆସି ନଥିଲେ ତୁମର କୁମ୍ଭକର୍ଣ୍ଣ ନିଦ୍ରା କ'ଣ ଭାଙ୍ଗି ନଥାନ୍ତା ?

ମୁଁ ବିସ୍ମିତ ହୋଇ ସୁନିତାକୁ ଚାହିଁ ରହିଲି ।

ତା'ର ମୁଖମଣ୍ଡଳ ପୂର୍ବାପେକ୍ଷା ଅଧିକ ସୁନ୍ଦର ଏବଂ ଉଜ୍ଜଳ ଦେଖାଯାଉଥିଲା...

ପ୍ରତ୍ୟୁଷ ପାଞ୍ଚଟାରୁ ରାତ୍ରୀ ଆଠଟା ପର୍ଯ୍ୟନ୍ତ ମୁଁ ଏମିତି ଶୋଇ ରହିଛି ? ଆଶ୍ଚର୍ଯ୍ୟ...

: ଆରେ, କ'ଣ ଏତେ ଭାବୁଛ... ?

: ନା, ଭାବୁଛି ଦୀର୍ଘ ପନ୍ଦରଘଣ୍ଟା ମୁଁ ଶୋଇ ରହିଥିଲି...

: ଏ କାର୍ଯ୍ୟ ତୁମର ନୁହେଁ...ଏଇ ବୋତଲର । ଟେବୁଲ ଉପରେ ରହିଥିବା ରମ୍ ବୋତଲକୁ ଲକ୍ଷ୍ୟ କରି ସୁନିତା କହୁଥିଲା । ପୁଣି ଯଦି କେବେ ଏଭଳି ପଦାର୍ଥ ଘରକୁ ଆସେ, ତେବେ ତମର ଦିନେକୁ ମୋର ଦିନେ ହୋଇଯିବ, ବୁଝିଲ... ?

ସୁନିତା କଣ୍ଠରେ ଏତେ ଅଧିକାର ଥିଲା ଯେ, ମୁଁ ପିଲାଙ୍କ ଭଳି ତାକୁ ପଲଙ୍କ ଉପରକୁ ଟାଣି ଆଣିଲି...

ନିଜକୁ ମୁକ୍ତ କରି ସୁନିତା କହିଲା : ସେ ଦୁଷ୍ଟାମୀ ଆଉ ଚଳିବ ନାହିଁ । ଉଠିଲ...ଉଠ । ଶୀଘ୍ର ମୁହଁ ହାତ ଧୋଇ ମାର୍କେଟ ଯାଅ । କାଲିଠାରୁ ପେଟରେ ଦାନା ପଡ଼ିନାହିଁ । ଆଜି ତ ପୁଣି କିଛି ଖାଇବ, ନା ଏମିତି ମୁହଁକୁ ଚାହିଁ ରହିଲେ ପେଟ ପୁରିଯିବ... ?

: ଓହୋ । ସଂସାର କରିବା ପାଇଁ ସାରା ଜୀବନ ପଡ଼ିଛି । ହେଲେ ଏମିତି ମୁହୂର୍ତ୍ତ ଆଉ କ'ଣ ଆସିବ ? ଆସ ମୁଁ ତୁମକୁ ଟିକିଏ ମନଭରି ଦେଖିନିଏ...

: ନା...ମନ ଭରି ଯାଇଛି ବିଜୟ...ଏ ମନରୁ ତୁମକୁ ଆଉ କେହି ଅଲଗା କରିପାରିବେ ନାହିଁ । ସେ ଚିନ୍ତା ତୁମକୁ ଆଉ କରିବାକୁ ପଡ଼ିବ ନାହିଁ । ଉଠିଲ...ଉଠ ।

ଟାଣି ଟାଣି ମତେ ପଲଙ୍କରୁ ତଳକୁ ନେଇ ଆସିଲା ସୁନିତା । ମୁଁ ନିଜକୁ ପରିଷ୍କାର କରିବା ପାଇଁ ବାଥରୁମ୍ ଆଡ଼େ ଆଗେଇଲି ।

ହଠାତ୍ ମୋର ଦୃଷ୍ଟି ପଡ଼ିଲା ପଛପଟ କବାଟ ସଂପୂର୍ଣ୍ଣ ଖୋଲା ଅଛି, ଆଉ ଦ୍ୱାର ଦେଶରେ ଦଣ୍ଡାୟମାନ ହୋଇଛନ୍ତି ଇନିସ୍‌ପେକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର । ମୁହଁରେ ତାଙ୍କର ଲାଖି ରହିଛି ଚେନାଏ ମିଠା ହସ ।

: ଆରେ...ଆପଣ ?

: ହଁ, ସୁନିତାକୁ ଛାଡ଼ିବାକୁ ଆସିଥିଲି । ଆପଣ ସମ୍ମୁଖ ଦରଜା ଭିତରୁ ଲକ୍ କରି ଦେଇଥିଲେ । ଯେତେ ଡାକିଲେ ବି ଉଠିଲେ ନାହିଁ । ସୁନିତା ମତେ ଏଇ

ରାସ୍ତାଟି ଦେଖାଇ ଦେଲା । ଏଇ ରାସ୍ତା ଦେଇ ସେ ଗତ ରାତ୍ରୀରେ ପଳାୟନ କରିଥିଲା । କିନ୍ତୁ ମୋର ଅନୁରୋଧ, ଏଇ କବାଟରେ ଦାମିକା ତାଲା ପକାଇ ଦିଅନ୍ତୁ...ତା' ନହେଲେ ପୁଣି ଯଦି କିଏ ଚାଲି ଆସନ୍ତି:...

: ନା, ଆଉ କେହି ଆସିବେ ନାହିଁ ଇନିସ୍‌ପେକ୍ଟର କାରଣ ସୁନିତା ପରି ସ୍ତ୍ରୀ ଥାଉ ଥାଉ ଆଉ କିଏ ଏ ଭିତରେ ପଶିବାକୁ ସାହସ କରିବ ?

ମୋ କଥାରେ ହସି ଉଠିଲେ ଇନିସ୍‌ପେକ୍ଟର । କହିଲେ : ପ୍ରକୃତରେ ବିଜୟବାବୁ, ସୁନିତା ପରି ଗୋଟାଏ ଝିଅକୁ ଯିଏ ପାଇଛି...ସ୍ତ୍ରୀ ରୂପରେ... ଆଉ ଭଉଣୀ ରୂପରେ...

ଏତିକି ବେଳେ କିଚିନ୍ ରୁମରୁ ସୁନିତାର କଣ୍ଠସ୍ୱର ଶୁଣାଗଲା...

ମୃତ୍ୟୁଞ୍ଜୟ ଭାଇ, ମୋର ସେ ଶୟତାନୀ ଖେଳ ସବୁଦିନ ପାଇଁ ଶେଷ ହୋଇଛି । ଏଇଠି ଆସି ଟା

ପିଇଦେଇ ଯାଅ ।

: ଭାଇ ! ମୁଁ ବିସ୍ମିତ ହେଲି...

: ହଁ, ଆପଣଙ୍କର ନୁହେଁ, ସୁନିତାର... ତା'ମାନେ...!! ଅଧିକ କିଛି ନକହି, ହସି ହସି ଖୁବ୍ ହାଲକା ଭାବରେ ଇନିସ୍‌ପେକ୍ଟର ଆଗେଇଲେ ମୋ ଛୋଟିଆ କିଚିନ୍ ଆଡ଼କୁ ।

ମୁଁ କ'ଣ କରିବି କିଛି ଚିନ୍ତା କରି ନପାରି ବାଡ଼ି କବାଟ ବନ୍ଦ କରି ସେମାନଙ୍କ ସହିତ ଯୋଗଦେଲି... ।

ମୋ ହାତକୁ ଗୋଟାଏ କପ୍ ଗରମ ଚା' ବଢ଼ାଇ ଦେଉ ଦେଉ ସୁନିତା କହିଲା : ମୁଁ ଜାଣେ ପରା, ଗୋଟାଏ କପ୍ ଚା' ନଖାଇବା ପର୍ଯ୍ୟନ୍ତ ତୁମ ଦ୍ୱାରା କୌଣସି କାମ ହେବ ନାହିଁ । ନିଅ ଶୀଘ୍ର ପିଇ ଦେଇ ଘର ସଂସାର ପ୍ରତି ଦୃଷ୍ଟିଦିଅ । ସଉଦାପତ୍ର କିଛି ହେଲେ ନାହିଁ...

ମୁଁ ଚା' ପିଆଲାରେ ଚୁମ୍ବନ ଦେଇ କହିଲି...

: ହଁ, "ସେଇ କଳାରାତ୍ରୀ"ର ପ୍ରତିହିଂସା ଆଉ ପ୍ରତିଶୋଧର ଖେଳ ସମାପ୍ତ ହୋଇଛି । ଏଥର ଆରମ୍ଭ ହେବ ଆମ ତେଲ ଲୁଣର ଖେଳ । ତାଲିକା କର, ବ୍ୟାଗ୍ ବଢ଼ାଅ, ମୁଁ ଯାଏଁ... ।

ଇନିସ୍‌ପେକ୍ଟର ହସି ଉଠୁଥିଲେ ଆମ ଦୁଇଜଣଙ୍କର ଘରକରଣାକୁ ଲକ୍ଷ୍ୟ କରି ।

(କଥାବସ୍ତୁ ସଂପୂର୍ଣ୍ଣ କାଳ୍ପନିକ)

ରହସ୍ୟାଗାର, ଇଂଜନପୁର
ବାଲୁଗାଁ, ଖୋର୍ଦ୍ଧା
ସେଲ - ୯୯୩୭୧୩୮୪୩୮

Digitized by :-
Deb's Library Corner...
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :- https://t.me/debslibrarycorner

Thanks to Raghunath Sethy,(Tambahara) for contribute this book.

ଶନ୍ନୀ ପକେଟ୍ ବୁକ୍ସର

ପରବର୍ତ୍ତୀ ଆକର୍ଷଣ

ବିଜୟ କୁମାର ରଣା

(ରହସ୍ୟ କୁମାର)ଙ୍କ

ପାଷାଣପୁରୀ